

ତୁମର କର୍ତ୍ତବ୍ୟ ଅସୀମ, କିନ୍ତୁ ତୁମ ହାତରେ ଥିବା ସମୟ ସୀମିତ। ତେଣୁ ଗୋଟିଏ ସୁଦ୍ଧା ମୁହୂର୍ତ୍ତ ନଷ୍ଟ କରନାହିଁ।
- ସେନେକା



## ସଂକ୍ଷେପରେ

### ହାତଧୁଆ ଦିବସ ପାଳିତ

**ଜୟପୁର,୭।୯(ଡି.ଏନ୍.ଏ.):** ଜୟପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ହାତଧୁଆ ଦିବସ ପାଳିତ ହୋଇଛି। ଜୁନିୟର ରେଡକ୍ରସ ଏବଂ ବିଦ୍ୟାଳୟର ଛାତ୍ରୀଛାତ୍ର ଏହି ଅବସରରେ ସଠିକ ଭାବେ ହାତଧୁଆର କୌଶଳ ଶିକ୍ଷା ଗ୍ରହଣ କରିଥିଲେ। ହାତ ମାଧମରେ ବିଭିନ୍ନ ଖାଦ୍ୟ ଦ୍ୱାରା ଶରୀରକୁ ଜୀବାଣୁ ପ୍ରବେଶ କରେ। ଏଥିରୁ ବର୍ତ୍ତିବା ସହ ହାତଧୁଆ ଦ୍ୱାରା ଶରୀର ସୁସ୍ଥ ରହିପାରିବ ବୋଲି ରେଡକ୍ରସ ଶିକ୍ଷକ ଯଜ୍ଞେଶ୍ୱର ପଣ୍ଡା ପରାମର୍ଶ ଦେଇଥିଲେ। ସେହିପରି ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦିଲୀପ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଉପସ୍ଥିତ ଥିଲେ।

### ଅରବିନ୍ଦ କ୍ଲବ ଫୁଟବଲ ବିବିସି, ଗାଗନାପୁର ବିଜୟୀ

**ଜୟପୁର,୭।୯(ନି.ପ୍ର.):** ଜୟପୁର ଦଶହରା ପଡ଼ିଆରେ ଅରବିନ୍ଦ କ୍ଲବ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନରେ ଶୁକ୍ରବାର ବିବିସି ସହ କୋଟପାଡ଼ ଏବଂ ଗାଗନାପୁର ସହ ବଡକାଉଡ଼ି ମଧ୍ୟରେ ମ୍ୟାଚ୍ ଖେଳାଯାଇଛି। ବିବିସି ୨-୦ ଗୋଲରେ ବିଜୟୀ ହୋଇଥିବା ବେଳେ ଅନ୍ୟ ମ୍ୟାଚ୍‌ରେ ଗାଗନାପୁର ୮-୭ ଗୋଲରେ ବିଜୟୀ ହୋଇଥିଲେ। ମ୍ୟାଚରେ ରେଫରି ଭାବେ ଦୁର୍ଗାଚରଣ ସିଂ, ଜଗନ୍ନାଥ ସାନ୍ତ୍ରା, ବ୍ରଜ ନାଗ, ଜହନ ହରିଜନ ରହିଥିଲେ। ଜୟପୁର କ୍ରୀଡ଼ା ସମ୍ପାଦକ ରବି ନାୟକ, ମ୍ୟାଚ ଅଫିସିଆଲ ଉପେନ୍ଦ୍ର ମହାରଣା ସହଯୋଗ କରିଥିଲେ।

### ମଧୁମେହ ପରୀକ୍ଷା ଶିବିର

**କୋରାପୁଟ, ୭।୯(ସ୍ୱ.ପ୍ର.):** କୋରାପୁଟସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ସ୍ଥାନୀୟ ଶାଖା କାର୍ଯ୍ୟାଳୟରେ ଶୁକ୍ରବାର ଏକ ମାଗଣା ଡାଇବେଟିସ ଚେକଅପ ଶିବିର ଅନୁଷ୍ଠିତ ହୋଇଛି। କୋରାପୁଟ ଏସବିଆଇର ଶାଖା ପରିଚାଳକ ଶରତ ଦେହୁରି ମୁଖ୍ୟ ଅତିଥି ଭାବେ ଶିବିରକୁ ଉଦଘାଟନ କରିଥିଲେ। ଡାକ୍ତର ଅବିନାଶ ଚିନ୍ନାରା ଓ ଡାକ୍ତର ରାମକୃଷ୍ଣ ପଣ୍ଡା ଯୋଗଦେଇ ବରିଷ୍ଠ ନାଗରିକ ଓ ଏସବିଆଇର ୭୮ ଜଣ ପେନସନଭୋଗୀଙ୍କ ଡାଇବେଟିସ ପରୀକ୍ଷା କରିବା ସହ ସେମାନଙ୍କୁ ମାଗଣାରେ ଔଷଧ ପ୍ରଦାନ କରିଥିଲେ। ତାପସୀ ଜେନା, ସ୍ମିତା ନାୟକ, ବେବୀ ସ୍ୱାଇଁ ଏହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ଅଙ୍କିତ ଆରୋରାଙ୍କୁ ସମ୍ବର୍ଦ୍ଧନା

**ସେମିଳିଗୁଡ଼ା,୭।୯(ସ୍ୱ.ପ୍ର.):** ସୁନାବେଡ଼ା ଭି.ଏସ୍ ବିଦ୍ୟାଳୟରେ ଭାରତ ଭ୍ରମଣକାରୀ ଅଙ୍କିତ ଆରୋରାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଅଙ୍କିତ ଆଭ୍ୟନ୍ତରୀଣ ଭାରତର ହାଲ୍‌ଚାଲ୍ ଜାଣିବା ଏବଂ ଆଗାମୀ ପିଢ଼ିକୁ ଜଣାଇବା ପାଇଁ ରାଜସ୍ଥାନର ଜୟପୁରରୁ ୨୭



ଅଗଷ୍ଟ,୨୦୧୭ରେ ସାଇକେଲରେ ଭାରତ ଭ୍ରମଣ କରିବା ପାଇଁ ବାହାରି ଥିଲେ। ସେ କୋରାପୁଟ୍ ଜିଲା ସୁନାବେଡ଼ାରେ ପହଞ୍ଚିବା ପରେ ଭି.ଏସ୍ ବିଦ୍ୟାଳୟ ପରିସରରେ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟ ଅଧକ୍ଷ ହେମନ୍ତ ସେଠ୍ ଅଙ୍କିତଙ୍କୁ ବିଦ୍ୟାଳୟର ସ୍ୱତନ୍ତ୍ର ଟ୍ରଫି ପ୍ରଦାନ କରିଥିଲେ। ଅଙ୍କିତ ନିଜ ଭ୍ରମଣ ଅଭିଜ୍ଞତା ବିଷୟରେ ଛାତ୍ରୀଛାତ୍ରଙ୍କ ଗହଣରେ ଭାବ ବିନିମୟ କରିଥିଲେ। ବରିଷ୍ଠ ଶିକ୍ଷକ ଶେଖ୍ ଇବ୍ରାହିମ୍ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରକାଶ ଯେ, ଅଙ୍କିତ ୧୩ ରାଜ୍ୟର ୧୪ ହଜାର କି.ମି. ରାସ୍ତା ଅତିକ୍ରମ କରିଛନ୍ତି। ସେ ଭାରତ ଭ୍ରମଣ କରି ଗିନିଜ୍ ବୁକ୍ସ ଅଫ୍ ୱାର୍ଲ୍ଡସ ରେକର୍ଡ କରିଛନ୍ତି।

### ଗଣଶିକ୍ଷକଙ୍କ ବିୟୋଗରେ ସ୍ମୃତିସଭା

**ବୈପାରୀଗୁଡ଼ା,୭।୯(ଡି.ଏନ୍.ଏ.):** କେରାପୁଟ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଗଣଶିକ୍ଷକ ଗୁରୁ ନାୟକ (୩୫)ଙ୍କ ବିୟୋଗରେ ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ଶୋକସଭା କରାଯାଇଛି। ସ୍ଥାନୀୟ ନୋଡାଲ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଉକ୍ତ ସଭାରେ ବ୍ଲକ ଶିକ୍ଷକ ସଂଘ ସଭାପତି ଶରତ ଚନ୍ଦ୍ର ନାୟକ ଅଧକ୍ଷତା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବିଜୟ ନାୟକ, ଅମୂଲ୍ୟ ଚନ୍ଦ୍ର ଧଳ, ଶରତ ବେହେରା, ଶ୍ରୀଧର ରାଓ, ସୁରେନ୍ଦ୍ର ଖରା, ସମୀର ଦାସ, ଏନ୍. ବିଜୟଙ୍କ ସମେତ ବହୁ ଶିକ୍ଷକ ଯୋଗ ଦେଇଥିଲେ। ଗୁରୁଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରାଯାଇଥିଲା।

■ କେସିସି ବ୍ୟାଙ୍କ, ଲ୍ୟାମ୍ପ କର୍ମଚାରୀଙ୍କ ବିକ୍ଷୋଭ

# ଘେରିଲେ ଉପନିବନ୍ଧକ କାର୍ଯ୍ୟାଳୟ

**ଜୟପୁର,୭।୯(ନି.ପ୍ର.)**



କେସିସି ବ୍ୟାଙ୍କ ଓ ଲ୍ୟାମ୍ପ କର୍ମଚାରୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଓ ଅବିଭକ୍ତ କୋରାପୁଟ ଜିଲା ଲ୍ୟାମ୍ପ କର୍ମଚାରୀ ସଂଘ ୭ ଦଫା ଦାବି ନେଇ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରିଛି। ଜୟପୁର ସ୍ଥିତ କେସିସି ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟରୁ ବ୍ୟାଙ୍କ ଓ ଲ୍ୟାମ୍ପର କର୍ମଚାରୀମାନେ ବିଶାଳ ଶୋଭାଯାତ୍ରାରେ ଯାଇ ଉପନିବନ୍ଧକ (ଡିଆରସିଏସ୍)ଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ଦୀର୍ଘ ଦିନ ଧରି ଅବିଭକ୍ତ କୋରାପୁଟ ଜିଲାର ୫୫ଟି ଲ୍ୟାମ୍ପ କର୍ମଚାରୀ ସରକାରଙ୍କ ସମସ୍ତ ଯୋଜନାକୁ ସୂଚାରୁ ରୂପେ ଚାଷୀଙ୍କ ପାଖେ ପହଞ୍ଚାଉଛନ୍ତି। କିନ୍ତୁ ସେମାନଙ୍କ ୭ ଦଫା ଦାବି ବାବଦରେ ଏଯାବତ୍ କିଛି ପଦକ୍ଷେପ ନିଆଯାଉ ନାହିଁ। ଲ୍ୟାମ୍ପ କର୍ମଚାରୀଙ୍କୁ ସରକାରୀ କିମ୍ବା କେସିସି ବ୍ୟାଙ୍କ କର୍ମଚାରୀ ମାନ୍ୟତା, ଦରମା, ଭତ୍ତା, ଲ୍ୟାମ୍ପରେ ଫେବୃୟାରୀ ୨୦୧୧ ପରେ ଚାକିରି କରିଥିବା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ଲ୍ୟାମ୍ପ ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ଦରମା କେସିସି ବ୍ୟାଙ୍କ ବହନ କରିବା, ମାଓବାଦୀ ପ୍ରବଣ ଅଞ୍ଚଳରେ ୫ ଲକ୍ଷ ଟଙ୍କାର ଜୀବନ ବୀମା ଓ ସ୍ୱାସ୍ଥ୍ୟ ବୀମା ଲାଗୁ କରିବା ପାଇଁ ଦାବି ରହିଛି। ଏହି ବିକ୍ଷୋଭରେ ସଭାପତି ରମାକାନ୍ତ ରାଉଳ, ଦିଗାମ୍ବର ନାୟକ, ବିନୋଦ ଷଡ଼ଙ୍ଗୀ, ସାଧାରଣ ସମ୍ପାଦକ ସୁଶାନ୍ତ ଖରା, ଭୁବନେଶ୍ୱର ମହାନ୍ତି, ସୁଶାନ୍ତ ଖରା, ସୁଦୁଶି ପାଡୀ, କଣ୍ଡାଳ ରାଓ, କାଳୁଚରଣ ପ୍ରଧାନ, ସମ୍ବା ମୂର୍ତ୍ତି, ପ୍ରସାଦ ରାଓ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଡିଆରସିଏସ ଭକ୍ତବନ୍ଧୁ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ଏହି ୭ ଦଫା ଦାବି ସଂଘ ପୂର୍ବରୁ ଜଣାଇସାରିଛି। ଅଧିକାଂଶ ଦାବି ସରକାର ପୂରଣ କରିବେ। ଆସନ୍ତା ୧୨ ତାରିଖ ରାୟଗଡ଼ା ସ୍ଥିତ ଉପନିବନ୍ଧକ କାର୍ଯ୍ୟାଳୟ ଆଗରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସଂଘ କହିଛି। ସେହିପରି ବ୍ୟାଙ୍କ କର୍ମଚାରୀ ସଂଘ ୨୭ ଦଫା ଦାବି ଜଣାଇଥିଲେ ମଧ୍ୟ ତାହା ପୂରଣ ହୋଇ ନଥିବାରୁ ସେମାନେ ୫ ତାରିଖରୁ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ ଜଣାଇଛନ୍ତି। ଆସନ୍ତା ୧୦ରେ ଅସହଯୋଗ ଆନ୍ଦୋଳନ କରିବା ପାଇଁ ସେମାନେ ନିଷ୍ପତ୍ତି ନେଇଛନ୍ତି।

# ପ୍ରସ୍ତାବିତ ଗୋଳାବାରୁଦ ଗୋଦାମକୁ ବିରୋଧ

■ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

**କୋରାପୁଟ,୭।୯(ସ୍ୱ.ପ୍ର.)**

କୋରାପୁଟ ଜିଲା ଅନ୍ତର୍ଗତ କୋଟପାଡ଼ ବ୍ଲକ କୁସୁମି ପଞ୍ଚାୟତର ସାରିଗୁଡ଼ାଠାରେ ପ୍ରସ୍ତାବିତ ଗୋଳାବାରୁଦ ଗୋଦାମ ଗୃହ ନିର୍ମାଣକୁ ବିରୋଧ କରାଯାଇଛି। ଶୁକ୍ରବାର ଶତାଧିକ ଗ୍ରାମବାସୀ ଏନେଇ ଜିଲା ପ୍ରଶାସନକୁ ଭେଟି ଦାବିପତ୍ର ଦେଇଛନ୍ତି। ସାରିଗୁଡା ଗ୍ରାମଠାରୁ ୪୦୦ ମିଟର ଦୂରରେ ଗୋଳାବାରୁଦ ଗୋଦାମ ଗୃହ ନିର୍ମାଣ କରିବାକୁ ନେଇ ପଲ୍ଲିସଭା କରାଯାଇଥିବାବେଳେ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ନିର୍ମାଣ ସଂସ୍ଥା ଉକ୍ତ ସ୍ଥାନରେ ପରେ ବାଲି ପକାଇବାରୁ ଗ୍ରାମବାସୀ ଏହାକୁ ବନ୍ଦ କରିବା ପାଇଁ କୋରାପୁଟ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ସ୍ଥାନରେ ଥିବା ଜଙ୍ଗଲ ଉପରେ ଗ୍ରାମବାସୀ ନିର୍ଭର କରୁଥିବାରୁ ଗୋଦାମ କରିବାକୁ ଦେବୁନାହିଁ ବୋଲି ଗ୍ରାମର ମହିଳା ରାଧାମଣୀ ପ୍ରକାଶ କରିଛନ୍ତି। ଏହି ଗୋଦାମ ନିର୍ମାଣ ହେଲେ ଗ୍ରାମର ପରିବେଶ ଓ ପରମ୍ପରା ଉପରେ ଏହା ପ୍ରଭାବ ପକାଇବ ବୋଲି ଗ୍ରାମର ଦେବୀଶଙ୍କର ବ୍ରହ୍ମା କହିଛନ୍ତି। ଗତ ଜୁଲାଇ ୨୬ରେ ହୋଇଥିବା ପଲ୍ଲିସଭାରେ ଗୋଦାମ ଗୃହ ନିର୍ମାଣ କରିବାକୁ ଗ୍ରାମବାସୀଙ୍କ ତୀବ୍ର ବିରୋଧ କରିବା ସତ୍ତ୍ୱେ କାହାର ଅନୁମତି ନନେଇ ଟେଣ୍ଡର ନେଇଥିବା ସଂପୃକ୍ତ ସଂସ୍ଥା ବାଲି ଓ ପଥର ପକାଇଥିବା ସେମାନେ ଅଭିଯୋଗ କରିଛନ୍ତି।

■ ୧୨ ଘଣ୍ଟିଆ ବନ୍ଦ ପରେ ପ୍ରଶାସନ ଦେଲା ପ୍ରତିଶ୍ରୁତି

# ଧାରଣାରୁ ଓହରିଲେ ବିଧାୟକ କୁଲେସିକା

**ଲକ୍ଷ୍ମୀପୁର,୭।୯:**



ଅନଶନସ୍ଥଳରେ ଲକ୍ଷ୍ମୀପୁର ବିଧାୟକଙ୍କ ସହ ଆଲୋଚନା ଚାଲିଛି।

ଶୁକ୍ରବାର ରାତିରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଲକ୍ଷ୍ମୀପୁର ବିଧାୟକ କୈଳାସ ଚନ୍ଦ୍ର କୁଲେସିକା ଧାରଣା ପ୍ରତ୍ୟାହାର କରିଛନ୍ତି। ୮ଦଫା ଦାବି ନେଇ ବିଧାୟକ ଆମରଣ ଅନଶନ ସହ ଧାରଣା ଦେଇଥିଲେ। ଗୁରୁବାର ସୁଦ୍ଧା ସ୍ଥାନୀୟ ପ୍ରଶାସନ ଦାବି ସମ୍ପର୍କରେ ଆଲୋଚନା କରିବା ପାଇଁ କୌଣସି ପଦକ୍ଷେପ ନ ନେଇଥିବାରୁ ଶୁକ୍ରବାର ବିଧାୟକ ଆନ୍ଦୋଳନ ବ୍ୟାପକ କରିଥିଲେ। ୧୨ ଘଣ୍ଟିଆ ଲକ୍ଷ୍ମୀପୁର ବନ୍ଦ ପାଳନ ଡ଼ାକରା ଦେଇଥିଲେ। ରାସ୍ତାରେ ଟାୟାର ଜାଳି ବନ୍ଦ ପାଳନ କରାଯାଇଥିଲା। ଏଥିରେ ବିଧାୟକଙ୍କୁ ଜନସାଧାରଣଙ୍କ ସମର୍ଥନ ମିଳିଥିଲା। ସ୍ଥାନୀୟ ଟ୍ରକ୍ ମାଲିକ, ଡ୍ରାଇଭର, ଅଟୋଚାଳକ, ରାଜମିସ୍ତ୍ରୀ ସଂଘ ଏବଂ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ୪ଟି ବ୍ଲକ୍ ଯଥା ନାରାୟଣପାଟଣା, ବନ୍ଧୁଗାଁ, ଦଶମନ୍ତପୁର, ଲକ୍ଷ୍ମୀପୁରର ଦଳୀୟ କର୍ମୀ ସାମିଲ ଥିଲେ। ପ୍ରତି ଛକରେ ରାସ୍ତା ଅବରୋଧ କରାଯାଇଥିଲା। ଏହାଦ୍ୱାରା ଗମନାଗମନ ବାଧାପ୍ରାପ୍ତ ହୋଇଥିଲା। ବନ୍ଦ ପାଳନରେ ଜିଲା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ସମ୍ପାଦକ ଦୁର୍ଗା ପ୍ରସାଦ ସାହୁ, କୋରାପୁଟ ପୌରାଧକ୍ଷ ଭଗବାନ ବାହିନୀପତି, ଜିଲା କାର୍ଯ୍ୟକାରୀ ସଭାପତି ରୂପକ ତୁରୁକ ସାମିଲ ଥିଲେ। ଜିଲା ପ୍ରଶାସନ ତରଫରୁ ଉପଜିଲାପାଳ ଲଳିତ କଅଁର ଏବଂ ଅତିରିକ୍ତ ତହସିଲଦାର ରଞ୍ଜନ କୁମାର ସେଠ୍, ବିଡିଓ ବେଣୁଧର ଶବର ଲିଖିତ ପ୍ରତିଶ୍ରୁତି ଦେବା ପରେ ବିଧାୟକ ଧାରଣା ପ୍ରତ୍ୟାହାର କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଲକ୍ଷ୍ମୀପୁର ପୋଲିସ ତରଫରୁ ଏସ୍‌ଡିପିଓ ତପନ ନାରାୟଣ ରଥଙ୍କ ନେତୃତ୍ୱରେ ଏକ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା।

### ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ ୩୬ ଅଧ୍ୟାପକ ପଦବୀ ଖାଲି

**ଜୟପୁର,୭।୯(ନି.ପ୍ର.)**

ଜୟପୁରସ୍ଥିତ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୩୬ଟି ଅଧ୍ୟାପକ ପଦବୀ ଖାଲି ପଡ଼ିଛି। ୨୦୧୭-୧୮ରେ ଏଠାରେ ବିଭିନ୍ନ ବିଭାଗର ୧୦ ଜଣ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି। ବିଧାନସଭାରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତରରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ଏହା କହିଛନ୍ତି। ୨୦୧୭-୧୮ ବର୍ଷରେ ରାଜ୍ୟର ସରକାରୀ ମହାବିଦ୍ୟାଳୟଗୁଡ଼ିକରେ ଖାଲି ପଡ଼ିଥିବା ୧୬୧ଟି ପଦବୀ ନିମନ୍ତେ ଓଡ଼ିଶା ଲୋକସେବା ଆୟୋଗଙ୍କୁ ଆବଶ୍ୟକ ସୁପାରିଶ ପାଇଁ ଅନୁରୋଧ କରାଯାଇଛି। ସେହି ଚୟନ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଯୋଗ୍ୟ ପ୍ରାର୍ଥୀଙ୍କ ତାଲିକା ମିଳିବା ପରେ ଉକ୍ତ ମହାବିଦ୍ୟାଳୟରେ ଖାଲି ପଡ଼ିଥିବା ପଦବୀ ପୂରଣ କରାଯିବ। ଏତଦ୍‌ବ୍ୟତୀତ ଖାଲି ପଡ଼ିଥିବା ପଦବୀରେ ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତି ଦେଇ ଶିକ୍ଷାଦାନ କାର୍ଯ୍ୟ ସମ୍ପାଦନ କରିବା ପାଇଁ ରାଜ୍ୟର ସବୁ ମହାବିଦ୍ୟାଳୟର ଅଧକ୍ଷଙ୍କୁ ଅନୁମତି ଦିଆଯାଇଛି।

# ଚାରା ନାଁରେ ବ୍ୟାପକ ହରିଲୁଟ୍

### ତଦନ୍ତ ଦାବିରେ ଭାଜପାର ବିକ୍ଷୋଭ



ବିକ୍ଷୋଭ ଶୋଭାଯାତ୍ରାରେ ଭାଜପା କର୍ମୀମାନେ।

**କୋରାପୁଟ,୭।୯(ସ୍ୱ.ପ୍ର.)**

ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବିପୁଳ ଅର୍ଥ ବ୍ୟୟ ବରାଦ କରାଯାଇ ବ୍ୟାପକ ଚାରା ରୋପଣ ଯୋଜନା ହୋଇଥିଲା। କିନ୍ତୁ ବିଡ଼ମ୍ବନା, ଏହି ଯୋଜନାର ସୁଫଳ ଜିଲାବାସୀ ପାଇବା ବଦଳରେ ଏଥିରେ ବିପୁଳ ଅର୍ଥ ହେରଫେର ହୋଇଥିବା ଅଭିଯୋଗ ଉଠିଛି। ମଞ୍ଜିକିଣା, ଚାରା ପ୍ରସ୍ତୁତି, ଚାରାରୋପଣ ପାଇଁ ଜମି ପ୍ରସ୍ତୁତି, ଗାତ ଖୋଳା, ରାସାୟନିକ ଓ ଜୈବିକ ସାର କିଣା, ମଜୁରି ସବୁଥିରେ ଅର୍ଥ ଆତ୍ମସାତ୍ କରାଯାଇଛି। ଏଭଳି ଗୁରୁତର ଅଭିଯୋଗ ଆଣି ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରିଛି ଭାଜପା।

ଜିଲା ଭାଜପା ସଭାପତି ବିଜୟ ମିଶ୍ରଙ୍କ ନେତୃତ୍ୱରେ ନଗର ସଭାପତି ଜି. ସଂଜିବ କୁମାର, ଏସ୍‌ସି ମୋର୍ଚ୍ଚା ଜିଲା ସଂପାଦକ ହରି ଖେମୁଣ୍ଡୁ, ଦେବେନ୍ଦ୍ର ବାହିନୀପତି, ଅଶ୍ୱିନୀ ପଟ୍ଟନାୟକ, ସନ୍ତୋଷ କୁମାର ଦାସ, ଡି. ରାମ ରାଓ, ଏସ୍. ଗୁରୁନାଥ ରାଓ, ବିଜୟ କୁମାର ରାୟ ଜେନା ଦେଓ ପ୍ରମୁଖ ଶୁକ୍ରବାର ଏସ୍‌ପିଙ୍କ କାର୍ଯ୍ୟାଳୟରେ ପହଞ୍ଚି ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ଏସ୍‌ପି କନଓ୍ୱର ବିଶାଲ ସିଂଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ଜିଲାରେ ଏହି ଦୁର୍ନୀତିରେ ସଂପୃକ୍ତ ଥିବା ପ୍ରଶାସନିକ ଅଧିକାରୀଙ୍କ ସମେତ ଶାସକ ଦଳର ସ୍ଥାନୀୟ ନେତାଙ୍କ ବିରୋଧରେ ତଦନ୍ତ କରିବା ପାଇଁ ଏଥିରେ ଦାବି କରାଯାଇଛି।

# କଂଗ୍ରେସର ବୁଥ୍‌ସ୍ତରୀୟ ବୈଠକ

**କୋଟପାଡ଼, ୭।୯ (ଡି,ଏନ୍.ଏ):**

ଆଗକୁ ସାଧାରଣ ନିର୍ବାଚନ ଥିବାବେଳେ ବିଭିନ୍ନ ରାଜନୈତିକ ଦଳର ନେତା ଗ୍ରାମାଞ୍ଚଳରେ ବୈଠକ କରି ଜନସାଧାରଣଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ଶୁକ୍ରବାର କୋଟପାଡ ବ୍ଲକ୍‌ରେ ଜୋନ୍-୧ ଅଞ୍ଚଳର ଗୁଆଡ଼ି ପଞ୍ଚାୟତକୁ ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଗସ୍ତ କରିଛନ୍ତି। ପ୍ରତ୍ୟେକ ବୁଥ୍‌ରେ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ମତଦାତାଙ୍କୁ ନିଜ ସପକ୍ଷରେ ନେବା ପାଇଁ ପ୍ରୟାସ କରିବାକୁ ବୈଠକରେ ଆଲୋଚନା ହୋଇଛି। ଜନସାଧାରଣଙ୍କ ସହ ମାଝି ଆଲୋଚନା କରିଛନ୍ତି। ଏଥିରେ ଜିଲା କଂଗ୍ରେସ ସମ୍ପାଦକ ମଣି ପ୍ରସାଦ ପଟ୍ଟନାୟକ, ଓବିସି ସେଲ୍ ସଦସ୍ୟ ରାଜେନ୍ଦ୍ର ନାୟକ, ଆଇନଜୀବୀ ବୁଲୁ ହୋତା, ଜିତେନ୍ଦ୍ର ମହାପାତ୍ର, ଏମ୍‌ଡ଼ି ସଲିମ୍, ମୁନ୍ନା ଖାନ୍, ସନ୍ତୋଷ ମିଶ୍ର ଉପସ୍ଥିତ ଥିଲେ।



ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଜନସାଧାରଣଙ୍କ ସହ ଆଲୋଚନା କରୁଛନ୍ତି।

# 'ବିଜେଡିରେ ଯୋଗଦାନ ଖବର ମିଛ'

**ପଟ୍ଟାଙ୍ଗି,୭।୯(ଡି.ଏନ୍.ଏ.)**

ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀ ଅଧୀନ ସେମିଳିଗୁଡ଼ା ଓ ନନ୍ଦପୁର ବ୍ଲକର ଶତାଧିକ କଂଗ୍ରେସ କର୍ମୀ ଦଳ ଛାଡ଼ି ବିଜେଡିରେ ଯୋଗ ଦେଇଥିବା ଖବର ମିଛ। ମଙ୍ଗଳବାର ଏକ ପ୍ରେସ ବିଜ୍ଞପ୍ତିରେ ସେମିଳିଗୁଡ଼ା ବ୍ଲକ ଉପ ସଭାପତି କମଲୁ ଧଡକା ଏହା ଜଣାଇଛନ୍ତି। କଂଗ୍ରେସର ବ୍ଲକ ଜୋନ-୧ ସଭାପତି ନୃସିଂହନାଥ ବେହେରା ଓ ପୂର୍ବତନ ବିଧାୟକ ତଥା ଜିଲା କାର୍ଯ୍ୟକାରୀ ସଭାପତି ରାମଚନ୍ଦ୍ର କାଡାମଙ୍କ ଉପସ୍ଥିତିରେ କମଲୁ ଏହି ବିଜ୍ଞପ୍ତି ରଖିଥିଲେ। କିଛି ଗଣମାଧ୍ୟମରେ ପ୍ରକାଶିତ ଖବରକୁ ଖଣ୍ଡନ କରି କମଲୁ କହିଛନ୍ତି, ମୁଁ ବିଜେଡିରେ ଯୋଗଦେବା ଖବର ମିଥ୍ୟା। ମୁଁ କଂଗ୍ରେସର ବହୁ ପୁରାତନ ଶୃଙ୍ଖଳିତ ସଭ୍ୟ ଏବଂ ଦଳର ଆଦର୍ଶରେ ଅନୁପ୍ରାଣୀତ। ବିଜେଡିରେ ମିଶିବା ଭଳି ଖବର ପରିବେଷଣ କରି ମୋତେ ବଦନାମ କରିବା ପାଇଁ ହୀନ ରାଜନୈତିକ ପ୍ରୟାସ କରାଯାଉଛି। ଆଗକୁ ସାଧାରଣ ନିର୍ବାଚନ ପାଇଁ ବିଜେଡି କର୍ମୀ ଓ ବିଧାୟକ ବିଚଳିତ ହୋଇ ନିଜ ଦଳର କର୍ମୀଙ୍କୁ ନେଇ ମିଶ୍ରଣ ପର୍ବ ମାଧ୍ୟମରେ ଦଳର ସଭାପତିଙ୍କ ପାଖରୁ ବାଃ ବାଃ ନେଉଛନ୍ତି ବୋଲି କମଲୁ କହିଛନ୍ତି।

# 'ମୁଁ ହିରୋ , ମୁଁ ଓଡ଼ିଶା ' କାର୍ଯ୍ୟକ୍ରମ

**ଲମତାପୁଟ, ୭।୯(ଡି.ଏନ୍.ଏ):**

ଲମତାପୁଟ ବ୍ଲକ୍ ମହକୁମାରେ ଡ. ଭୀମରାଓ ଆମ୍ବେଦକର କନିଷ୍ଠ ମହାବିଦ୍ୟାଳୟରେ 'ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। ଏହାକୁ ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ରଘୁରାମ ମାଛ ଉଦ୍‌ଘାଟନ କରିଥିଲେ। ଲମତାପୁଟ ପଞ୍ଚାୟତ ସମିତି ଅଧକ୍ଷା ଲକ୍ଷ୍ମୀ ହନ୍ତାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟ ସାର୍ଥକ ମିଶ୍ର, ଡ. ଭୀମରାଓ ଆମ୍ବେଦକର କନିଷ୍ଠ ମହାବିଦ୍ୟାଳୟ ଅଧକ୍ଷ ରାଜେନ୍ଦ୍ର ପଟ୍ଟନାୟକ, ଲମତାପୁଟ ଏଏସ୍‌ଆଇ ଶିବ ପ୍ରସାଦ ଷଡଙ୍ଗୀ , ମୁନା ଦଳପତି , ଶ୍ୟାମ ସୁନ୍ଦର ଖେମୁଣ୍ଡୁ, ରାଜନୀତି ବିଜ୍ଞାନ ଅଧ୍ୟାପକ ସତ୍ୟ ମହାପାତ୍ର ଏବଂ ଡ଼ିଗ୍ରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଗୀତ, ନାଚ ଏବଂ କୁଇଜ୍‌ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ଦଳିତାଙ୍କ ଦମ୍ଭ ଆଗରେ ହାର୍ ମାନିଛି ରୋଗ

**ସୁନାବେଡା, ୭।୯(ଡି.ଏନ.ଏ.)**

ଦଳିତା ବାରିକ। ବୟସ ୧୬ ବର୍ଷ। ସେ ହାଲସ୍ଥିତ ଏରୋନଟିକ୍ସ ବାଳିକା ବିଦ୍ୟାଳୟରେ ଦଶମ ଶ୍ରେଣୀ ପାଠପଢା ସାରିଛନ୍ତି। ଏହା ମଧ୍ୟରେ ଅନେକ ବାଧା ବିଘ୍ନ ସାମ୍ନା କରିଛନ୍ତି। ତାଙ୍କ ମୁହଁରୁ ହସ ଛଡାଇ ନେଇଥିଲା ରୋଗ। ଏପରି ଅବସ୍ଥାରେ ଭାଙ୍ଗି ପଡିଥିଲେ ମାତାପିତା। ସେମିଳିଗୁଡା ବ୍ଲକ ରାଜପୁଟ ପଞ୍ଚାୟତ ଅନ୍ତର୍ଗତ ରାଜ ବିତାଇ ଗ୍ରାମର ଦଳିତା। ପିତା ପଦୁ ବାରିକ ଗରିବ। ସ୍ତ୍ରୀ ଏବଂ ପୁଅମାନେ କୁଲି କାମ କରନ୍ତି। ନଭେମ୍ବର ୨୧, ୨୦୧୬ରେ ହଠାତ୍ ଦଳିତାଙ୍କ ଡ଼ାହାଣ ହାତରେ ଭୀଷଣ ଯନ୍ତ୍ରଣା ଆରମ୍ଭ ହେଲା। ବିଦ୍ୟାଳୟରୁ ଖବର ପାଇ ବାପା କୋରାପୁଟ ହସ୍ପିଟାଲକୁ ନେଇଗଲେ। କୋରାପୁଟ ଡାକ୍ତର କହିଲେ, ଏହି ରୋଗର ଚିକିତ୍ସା ବ୍ୟବସ୍ଥା ଏଠାରେ ନାହିଁ। ଏହା ସହ ଦଳିତାଙ୍କ ରକ୍ତହୀନତା ରୋଗ ମଧ୍ୟ ଅଛି। ଘରକୁ ଆଣିଲା ପରେ ଫିଙ୍ଗ୍ୱ ବାହାରିଲା। ତାଙ୍କୁ ସେମିଳିଗୁଡାରେ ଏକ ଘରୋଇ କ୍ଲିନିକରେ ଚିକିତ୍ସା କରାଯାଇଥିଲା। ପରେ ବିଜୟନଗରମ୍, ବିଶାଖାପାଟଣା ଶେଷରେ ଦିଲ୍ଲୀସ୍ଥିତ ନ୍ୟୁ-ଆପୋଲୋକୁ ନେଇ ଭର୍ତ୍ତି କରାଗଲା। ସେଠାରେ ଏକ ସପ୍ତାହ ଚିକିତ୍ସା ପରେ ଅର୍ଥ ଅଭାବ ସକାଶେ ଘରକୁ ଝିଅ ସହ ଫେରିଆସିଲେ ପରିବାର ଲୋକେ। ଦଳିତାଙ୍କୁ କ୍ଲୋରୋସିସ୍ ହୋଇଥିବା ଜଣାପଡ଼ିଥିଲା। ରକ୍ତ ସଞ୍ଚାଳନଜନିତ ସମସ୍ୟା ଯୋଗୁ ଶିରା ପ୍ରସିରାକୁ ରକ୍ତ ସଞ୍ଚାଳନ ନ ହେବା ଏବଂ ଉକ୍ତ ସ୍ଥାନଗୁଡିକ ଶୁଖିଯିବା ସହ ମାଂସ ଝଡ଼ିବା ଏହି ରୋଗର ସାଧାରଣତଃ ଲକ୍ଷଣ ଥାଏ। ଦଳିତାଙ୍କ ଶରୀରରେ ଏପରି ଲକ୍ଷଣ ମଧ୍ୟ ଦେଖାଦେଇଥିଲା। ଏଥିପାଇଁ ସର୍ଜରି ଆବଶ୍ୟକ ବୋଲି ଡାକ୍ତର ପରାମର୍ଶ ଦେଇଥିଲେ। ଏହି ସର୍ଜରି ପାଇଁ ପାଖାପାଖି ୮ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଥିଲା। ଦଳିତାଙ୍କର ଦିନକୁ ଦିନ ଯନ୍ତ୍ରଣା ବଢ଼ିବାରେ ଲାଗିଲା। ସହାୟତା ପାଇଁ ପିତା ଖବରକାଗଜ ମାଧ୍ୟମରେ ନିବେଦନ ଜଣାଇଲେ। ହାଲସ୍ଥିତ କର୍ମଚାରୀଙ୍କୁ ନେଇ ଦଳିତାଙ୍କ ନାମରେ ଦଳିତା ସେବା ସଂଘ ତିଆରି କରି କର୍ମଚାରୀ ସହଯୋଗ ପାଇଁ ଆଗେଇ ଆସିଥିଲେ।

■ ଡାକ୍ତର ହୋଇ ସେବା କରିବି
■ କ୍ଲୋରୋସିସ୍‌ରେ ଡ଼ାହାଣ ହାତ ପାପୁଲି ହରାଇଛନ୍ତି



ସହଯୋଗ ହାତ ବଢ଼ାଇଥିବା ବ୍ୟକ୍ତିମାନେ ହେଲେ ଏମ୍‌ଜି ରାଜୁ, ଡିକେ ମହାପାତ୍ର, ପ୍ରେମାନନ୍ଦ ଜେନା, ମାନସ ଦାସ, ଭରତ ମହାନ୍ତି, ରାକେଶ ସିଂ, ସ୍ୱାଗତିକା ଜେନା, ସୁନିଲ ଶ୍ରୀବାସ୍ତବ, ରିଦୟ ଢାଲି। ଏହା ପରେ ତାଙ୍କର ଚିକିତ୍ସା ନିମନ୍ତେ ଏହି ଦଳିତା ସେବା ସଂଘ ଅର୍ଥ ରାଶି ଯୋଗାଡ କରି କଟକସ୍ଥିତ ମେଡିକାଲରେ ଅସ୍ତ୍ରୋପଚାର କରାଇଥିଲେ। ଡାହାଣ ହାତ ପାପୁଲି ହରାଇଲେ ଦଳିତା। ଦଶମ ଶ୍ରେଣୀ ପରେ ବର୍ତ୍ତମାନ ସେ ସେମିଳିଗୁଡା କଲେଜରେ ଯୁକ୍ତ୨ ବିଜ୍ଞାନରେ ନାମ ଲେଖାଇଛନ୍ତି। ତାଙ୍କର ସମସ୍ତ କଲେଜ ଖର୍ଚ୍ଚ ଏବଂ ବହିପତ୍ର ଏହି ଦଳିତା ସେବା ସଂଘ ଯୋଗାଇ ଦେଇଛି। ବର୍ତ୍ତମାନ ସେ ବାମ ହାତରେ ସମସ୍ତ ଲେଖାପଢା କରିପାରୁଛନ୍ତି। ଗୋଟିଏ ହାତ ହରାଇବା ପରେ ମଧ୍ୟ ସେ ତାଙ୍କ ଆଶାକୁ ଦୃଢ ରଖିଛନ୍ତି। ସେ ବିଜ୍ଞାନ ଷ୍ଟ୍ରିମକୁ ଆପଣେଇ ସେଥିରେ କ୍ୟାରିୟର ଗଢି ଆଗାମୀ ଦିନରେ ଲୋକଙ୍କ ସେବା କରିବା ପାଇଁ ଆଶା ବାନ୍ଧିଛନ୍ତି। ଭବିଷ୍ୟତରେ ସେ ଜଣେ ଡାକ୍ତର ହେବା ପାଇଁ ସ୍ୱପ୍ନ ରଖିଛନ୍ତି। ଦଳିତା ସେବା ସଂଘକୁ ସେ ସାଧୁବାଦ ଜଣାଇଛନ୍ତି।



"ଯେଉଁ ଧନକୁ ତୁମେ ଜମା କରି ରଖ, ତାହା ତୁମର ନୁହେଁ। ଯାହାକୁ ତୁମେ ବିତରଣ କରିଛ ତାହାହିଁ ତୁମର। ଯେଉଁ ସମ୍ପଦକୁ ତୁମେ ଲୁଚାଇ ରଖିଛ ତାହା ତୁମର ହୋଇ ନ ପାରେ।
- ସତ୍ୟସାଇ ବାବା



## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକ ମୃତ

**ରାମନାଗୁଡ଼ା,୭।୯(ଡ଼ି.ଏନ.ଏ):** ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ପାରିଖିଡ଼ି ପଞ୍ଚାୟତ ଅଧୀନ ବିଣିଦା ଗ୍ରାମର ଜଣେ ଯୁବକଙ୍କ ସାପ କାମୁଡ଼ାରେ ଶୁକ୍ରବାର ମୃତ୍ୟୁ ହୋଇଛି। ସେ ହେଲେ ସୁଧାକର କାଡ୍ରାକା(୨୪)। ଗୁରୁବାର ରାତିରେ ସେ ଶୋଇଥିବା ବେଳେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଶୁକ୍ରବାର ସକାଳେ ସୁଧାକରଙ୍କୁ ରାମନାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇ ରାୟଗଡ଼ା ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ପରେ ବ୍ରହ୍ମପୁର ନେବା ସମୟରେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଗରିବ ହୋଇଥିବାରୁ ପାରିଖିଡ଼ି ସରପଞ୍ଚ ଗାୟତ୍ରୀ ମାଣ୍ଡାଙ୍ଗି ଏବଂ ସମିତିସଭ୍ୟ ସୂର୍ଯ୍ୟ ରାଓ କୁମ୍ଭିରିକା ସମସ୍ତ ପ୍ରକାର ସହଯୋଗ କରିଛନ୍ତି।

### କେରଳ ବନ୍ୟାବିପନ୍ନଙ୍କୁ ସହାୟତା ପ୍ରଦାନ

**ରାୟଗଡ଼ା ଅଫିସ,୭।୯:** ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ କେରଳ ବନ୍ୟା ବିପନ୍ନଙ୍କ ଲାଗି ୪ ଲକ୍ଷ ୪୨ ହଜାର ୪୦୨ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ସେହିପରି ବିଷମକଟକର ଗୋଟିଏ ବ୍ୟବସାୟିକ ପ୍ରତିଷ୍ଠାନ ୩୦ ହଜାର ଏବଂ ରାୟଗଡ଼ା ଅମଲଭଟା ଗ୍ରାମବାସୀ ୪୬ ହଜାର ୮୦ ଟଙ୍କା ପ୍ରଦାନ କରିଛନ୍ତି। ଉକ୍ତ ସମସ୍ତ ୫ ଲକ୍ଷ ୧୮ ହଜାର ୫ ଶହ ଟଙ୍କା ଜିଲାପାଳଙ୍କ ନିକଟରେ ପହଞ୍ଚିବା ପରେ ତାହାକୁ ଚେକ୍ ଆକାରରେ କେରଳ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି। ଏତଦ୍‌ବ୍ୟତୀତ ଜିଲା ପୋଲିସ ପକ୍ଷରୁ ବନ୍ୟା ପିଡ଼ୀତାଙ୍କ ପାଇଁ ଖାଦ୍ୟ, ବସ୍ତ୍ର ଓ ଅନ୍ୟାନ୍ୟ ଆସବାବପତ୍ର ପ୍ରଦାନ କରାଯାଇଛି। ରାୟଗଡ଼ାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏଥିରେ ଜିଲାପାଳ ଗୁହା ପୁନମ ତାପସ କୁମାର,ଅତିରିକ୍ତ ଜିଲାପାଳ ସୁଧାକର ଶବର ଓ ଜିଲା ଜରୁରୀକାଳିନ ଅଧିକାରୀ ସୁବ୍ରତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ପୁଣି ଓକିଲଙ୍କ କାର୍ଯ୍ୟବନ୍ଦ

**ଗୁଣପୁର,୭।୯(ଡି.ଏନ.ଏ):** ଗତ ୨୯ ତାରିଖରେ କଟକର ଆଇନଜୀବୀ ଦେବୀ ପ୍ରସାଦ ପଟ୍ଟନାୟକଙ୍କୁ ପୋଲିସଙ୍କ ଦ୍ୱାରା ମାଡମରା ଯାଇଥିବା ଅଭିଯୋଗ ହୋଇଥିଲା। ଏହାକୁ ଓଡିଶା ବାର ଆସୋସିଏଶନ ପ୍ରତିବାଦ ଜଣାଇବା ସହ କାର୍ଯ୍ୟ ବନ୍ଦ କରିବାକୁ ଆହ୍ୱାନ ଦେଇଥିଲେ। ଏପରି ଘଟଣାକୁ ନେଇ ରାୟଗଡା ଜିଲା ଗୁଣପୁର ଓକିଲ ସଂଘ ପକ୍ଷରୁ ଗତ ୩୦ ଏବଂ ପରେ ୩ ତାରିଖରେ ପ୍ରତିବାଦ କରାଯାଇ କାର୍ଯ୍ୟ ବନ୍ଦ କରାଯାଇଥିଲା। ଶୁକ୍ରବାର ପୁଣି ଏହି ପ୍ରସଙ୍ଗରେ ଓକିଲମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଏନେଇ ଓକିଲଙ୍କ ଜରୁରୀ ବୈଠକ ହୋଇ ଉକ୍ତ ଘଟଣାକୁ ତିବ୍ର ନିନ୍ଦା କରାଯିବା ସହ କାର୍ଯ୍ୟ ବନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଫଳରେ ସମସ୍ତ କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହେବାସହ ମହକିଲମାନଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା। ଓକିଲଙ୍କୁ ମାଡ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଆନ୍ଦୋଳନର ଡାକରା ଦିଆଯାଇଛି। ଆନ୍ଦୋଳନକୁ ତୀବ୍ର କରିବା ପାଇଁ ରବିବାର କଟକଠାରେ ଓକିଲଙ୍କ ବୈଠକ ହେବାକୁ ଥିବାବେଳେ ଗୁଣପୁରର ଏକ ପ୍ରତିନିଧି ଦଳ ମଧ ସେଠାରେ ଯୋଗ ଦେବାକୁ ନିଷ୍ପତ୍ତି ହୋଇଛି।

### ମୃତ ସେନା ବିଭାଗ କର୍ମଚାରୀଙ୍କ ମାଆଙ୍କୁ ସହାୟତା ପ୍ରଦାନ



**ରାୟଗଡ଼ା ଅଫିସ, ୭।୯:** ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ପୁନା ସିଂ ଗ୍ରାମର ଶହୀଦ ଭାସ୍କର ଶବରଙ୍କ ପରିବାରବର୍ଗଙ୍କୁ ସହାୟତା ପ୍ରଦାନ କରାଯାଇଛି। ଭାରତର ସେନା ବିଭାଗରେ କାର୍ଯ୍ୟରତ କର୍ମଚାରୀ ଭାସ୍କର ୨୦୧୩ ଫେବୃୟାରୀ ୨୬ ତାରିଖରେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ସରକାରଙ୍କ ପକ୍ଷରୁ ଶ୍ରମିକ କ୍ଷତିପୂରଣ ଆଇନ୍ ଅନୁଯାୟୀ ଗତ ୨୦୧୭ ମେ ୧୯ ତାରିଖରେ ୪ ଲକ୍ଷ ୫୬ ହଜାର ୧୮୩ ଟଙ୍କା ପ୍ରଦାନ କରାଯାଇଥିଲା। ପୁଣି ଶୁକ୍ରବାର ଜିଲାପାଳ ଗୁହା ପୁନମ ତାପସ କୁମାର ଅବଶିଷ୍ଟ ୪ ଲକ୍ଷ ୧୭ ହଜାର ୮୫ ଟଙ୍କା ତାଙ୍କ ମାଆ ସୁକୁମାରୀ ଶବରଙ୍କୁ ପ୍ରଦାନ କରିଛନ୍ତି। ଏହିସମୟରେ ସହକାରୀ ଶ୍ରମ ଆୟୁକ୍ତ ପି.କେ. ତ୍ରିପାଠୀ ଉପସ୍ଥିତ ଥିଲେ।



ଟିକିରିର ଏକ ପେଟ୍ରୋଲ ପମ୍ପ ସମ୍ମୁଖରେ ଧାରଣା ଦିଆଯାଇଛି।



ରାୟଗଡ଼ାରେ ବିଜେଡ଼ି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ପେଟ୍ରୋଲ ପମ୍ପ ସମ୍ମୁଖରେ ବିଜେଡିର ବିକ୍ଷୋଭ

**ରାୟଗଡା ଅଫିସ/ଟିକିରି, ୭।୯(ଡ଼ି.ଏନ.ଏ)**

**ତୈଳଦର ବୃଦ୍ଧି ପ୍ରତିବାଦ**

ତୈଳଦର ବୃଦ୍ଧି ପ୍ରତିବାଦରେ ରାୟଗଡା ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ପେଟ୍ରୋଲ ପମ୍ପ ସମ୍ମୁଖରେ ବିଜୁ ମହିଳା ଓ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ପେଟ୍ରୋଲ ପମ୍ପକୁ ଆସିଥିବା ଲୋକମାନଙ୍କୁ ଦଳ ପକ୍ଷରୁ ପ୍ରଚାରପତ୍ର ବଣ୍ଟାଯାଇ ସଚେତନତା କରାଯାଇଥିଲା। କେନ୍ଦ୍ରୀୟ ଉତ୍ପାଦନ ଶୁଳ୍କ ବାରମ୍ବାର ବୃଦ୍ଧି ଘଟୁଥିବା ଯୋଗୁ ତୈଳଦର ଆଉ ନିୟନ୍ତ୍ରଣରେ ନାହିଁ ବୋଲି ଲୋକମାନଙ୍କୁ ବିଜେଡିର ନେତା ଓ କର୍ମୀମାନେ ବୁଝାଇଥିଲେ। ୨୦୧୪ରେ ପେଟ୍ରୋଲ ଉପରେ ଉତ୍ପାଦନ ଶୁଳ୍କ ୯ ଟଙ୍କା ୨୦ପଇସା ରହିଥିବା ବେଳେ ବର୍ତ୍ତମାନ ତାହା ୧୯ ଟଙ୍କା ୪୮ ପଇସାରେ ପହଞ୍ଚିଛି। ଯାହାକି ଅଚ୍ଛେ ଦିନର ସ୍ଲୋଗାନ ଦେଇଥିବା ସରକାରଙ୍କର ଜନ ବିରୋଧୀ ନୀତି ବୋଲି ଅଭିଯୋଗ କରାଯାଇଛି। ଶୁକ୍ରବାର ପୂର୍ବାହ୍ନ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ଦୁଇ ଘଣ୍ଟା ଧରି ତୈଳଦର ବୃଦ୍ଧି ପ୍ରତିବାଦରେ ଗର୍ଜି ଉଠିଥିଲେ ବିଜେଡିର ନେତା ଓ କର୍ମୀ। ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ଅବିନାଶ ବିଷୋୟୀ, ଯୁବ ଜନତା ଦଳର ଜିଲା ସଭାପତି ବିନାୟକ କର ଓ ମହିଳା ଜନତା ଦଳର ଜିଲା ସଭାନେତ୍ରୀ ଅନୁସୂୟା ମାଝିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦିକା ସୁଜାତା ପାଳ, ପୌରାଧ୍ୟକ୍ଷା ଭି. ଗୌରୀ ଜୟନ୍ତୀ, ଉପାଧ୍ୟକ୍ଷ ଡ. ନୀରଞ୍ଜନ ବକ୍ସିପାତ୍ର, ଜିଲା ଉପସଭାପତି ଚନ୍ଦ୍ରକାନ୍ତ ସାମଲ, ସାଧାରଣ ସମ୍ପାଦକ ଅମିୟ ସ୍ୱାଇଁ, ନଗର ସଭାପତି ସତ୍ୟ ନାରାୟଣ ପାଢ଼ୀ, ବରିଷ୍ଠ କାଉନସିଲର ମଞ୍ଜୁଶ୍ରୀ ମୁଖାର୍ଜୀ, ରାଇସିଂ ବିଡିକାଙ୍କ ସମେତ ଶତାଧିକ କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ। ସେହିପରି ତୈଳ ଦର ବୃଦ୍ଧି ପ୍ରତିବାଦରେ କାଶୀପୁର ବ୍ଲକ ଟିକିରି ପଞ୍ଚାୟତ ସଦରଠାରେ ଥିବା ବିଭିନ୍ନ ପେଟ୍ରୋଲ ପମ୍ପ ସମ୍ମୁଖରେ ବିଜେଡି ଯୁବ ଛାତ୍ର ଓ ମହିଳା ବିଜେଡି ତରଫରୁ ଧାରଣା ଦିଆଯାଇଛି। ବ୍ଲକର ଯୁବ ନେତା ଅମିତ କୁମାର ନାୟକ ଓ କମଳଲୋଚନ ସାଉନ୍ତାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ନେତା ଜଗଦିଶ ଚନ୍ଦ୍ର ପାତ୍ର, ରତିକାନ୍ତ ନାଏକ, ଜଦୁ ଗରଡା, ପାପୁଲାର ମାଝି, ସୁଧୁର ଖରାଙ୍କ ସମେତ ଶତାଧିକ ଦଳୀୟ ନେତା ଓ କର୍ମୀ ସାମିଲ ହୋଇଥିଲେ। ତୈଳଦର ବୃଦ୍ଧି ଯୋଗୁ ଗରିବ ଓ ମଧ୍ୟମ ଶ୍ରେଣୀର ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଯୁବନେତା ଅମିତ ନାୟକ ସହିତ କମୋଳ ସାଉନ୍ତା କହିଛନ୍ତି।

# ଜିଲା କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

**ରାୟଗଡ଼ା ଅଫିସ,୭।୯**

ରାୟଗଡ଼ା ସହରରେ ଥିବା କୃଷ୍ଣଚନ୍ଦ୍ର ନଗର ଭବନ ପରିସରରେ ଶୁକ୍ରବାର ଜିଲା କଂଗ୍ରେସ କମିଟିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ଜିଲା ସଭାପତି ଦୁର୍ଗାପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ରାୟଗଡ଼ା ଜିଲା ପରିଷଦ ଅଧ୍ୟକ୍ଷ ପୁରୁଷୋତ୍ତମ ଗମାଙ୍ଗ, ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଆପଲସ୍ୱାମୀ କାଡ୍ରାକା, ଚନ୍ଦ୍ର ମୁରଲୀ କୁମୁନ୍ଦନ, ରଘୁନାଥ ପାତ୍ର, ବିଜୟ ଗମାଙ୍ଗ, ରତ୍ନମଣି ଉଲ୍ଲାକା, ଶଙ୍କରଶଣ ମଙ୍ଗରାଜ,ସୁନୀଲ କୁମାର ପଣ୍ଡା, ମକରନ୍ଦ ମୁଦୁଲିଙ୍କ ସମେତ ଜିଲାରସମସ୍ତ ବ୍ଲକ କଂଗ୍ରେସ ଦଳର ବ୍ଲକ ସଭାପତି ଓ କର୍ମୀମାନେ ଯୋଗ ଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ ସଂଗଠନକୁ ଜିଲାରେ ସୁଦୃଢ କରିବା ନେଇ ଆଲୋଚନା ହୋଇଥିଲା। ଭାଜପା ଓ ବିଜେଡ଼ି ସରକାରଙ୍କ ସମୟରେ ହୋଇଥିବା ଦୁର୍ନୀତି ଲୋକଙ୍କ ନିକଟରେ ପହଞ୍ଚାଇବାକୁ କୁହାଯାଇଥିଲା। କଂଗ୍ରେସ ଦଳ ଆଦିବାସୀ ଲୋକମାନଙ୍କ ପାଇଁ କେବେ ବି ଅନ୍ୟାୟ କରିନାହିଁ। ଜିଲାର ଦଳୀୟ ନେତୃବୃନ୍ଦ ଓ କର୍ମୀ ଏକ ହୋଇ ସାଧାରଣ ନିର୍ବାଚନ ଲଢିଲେ ନିଶ୍ଚିତ ଭାବେ ରାୟଗଡ଼ା ଜିଲାରେ କଂଗ୍ରେସ ଏମପି ଓ ବିଧାୟକମାନେ ଶାସନ ଗାଦିକୁ ଆସିପାରିବେ। ଏଥିପାଇଁ ଆମେ ସମସ୍ତେ ଏକ ହୋଇ ଉଦ୍ୟମ କରିବା ଆବଶ୍ୟକ ବୋଲି ଜିଲା ସଭାପତି ପଣ୍ଡା କହିଥିଲେ। ଆସନ୍ତା ୧୫ ତାରିଖରେ ତୈଳଦର ବୃଦ୍ଧି ପ୍ରତିବାଦରେ ଦଳ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସଭାପତି କହିଥିଲେ। ଏହି ଅବସରରେ ନବ ନିର୍ବାଚିତ ବ୍ଲକସ୍ତରର ଦଳୀୟ ନେତୃବୃନ୍ଦଙ୍କୁ ସମ୍ମାନିତ କରାଯାଇଥିଲା।



ବୈଠକରେ ଯୋଗ ଦେଇଥିବା କଂଗ୍ରେସ କର୍ମୀମାନେ।

# ସରକାରୀ ମାନ୍ୟତା ଦାବିରେ ଛାତ୍ରୀଛାତ୍ରଙ୍କ ଶ୍ରେଣୀ ବର୍ଜନ



ଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ରାୟଗଡା ଅଫିସ, ୭।୯**

ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ଦାବିରେ ଶୁକ୍ରବାର ଛାତ୍ରୀଛାତ୍ର ଶ୍ରେଣୀ ବର୍ଜନ କରିଛନ୍ତି। ଏଥିସହିତ ମୁଖ୍ୟ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଯୁକ୍ତ୨, ଯୁକ୍ତ ୩ ଓ ସ୍ନାତକୋତ୍ତର ବିଭାଗର ଛାତ୍ରୀଛାତ୍ର ମିଳିତ ଭାବେ ଏହି ପ୍ରତିବାଦ ଜଣାଇଥିଲେ। ପରେ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ଓ ସଚିବଙ୍କୁ ଜଣାଇ ଉଚିତ ପଦକ୍ଷେପ ତୁରନ୍ତ ଗ୍ରହଣ କରିବାକୁ ଦାବି ଜଣାଇଛନ୍ତି। ନଚେତ୍ ଆଗାମୀ ଦିନରେ ମହାବିଦ୍ୟାଳୟକୁ ଅଚଳ କରିବା ସହ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ଯୋଗୁ ଶିକ୍ଷାଦାନ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରମୋଦ କୁମାର ପରିଚ୍ଛା କହିଛନ୍ତି ଯେ, ଯେଉଁ ଦାବିପତ୍ର ଛାତ୍ରୀଛାତ୍ର ପ୍ରଦାନ କରିଛନ୍ତି ତାହା ମୁଁ ଉପରିସ୍ଥ ଅଧିକାରୀଙ୍କ ନିକଟକୁ ପ୍ରେରଣା କରିବି। ଏହା ପରେ ଯାହା ପଦକ୍ଷେପ ସେମାନେ ଗ୍ରହଣ କରିବେ।

# ରାସ୍ତାକଡ଼ରେ ହସ୍ପିଟାଲର ସିନ୍ଦୁକ

**ରାମନାଗୁଡା, ୭।୯ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ରାମନାଗୁଡା ବ୍ଲକ ସଦର ମହକୁମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଲୌହ ସିନ୍ଧୁକ ରାସ୍ତା ଉପରେ ପଡିଥିବା ଦେଖିବାକୁ ମିଳିଛି। ଦିନ ଥିଲା ପ୍ରତ୍ୟେକ କାର୍ଯ୍ୟାଳୟରେ ସିନ୍ଦୁକଙ୍କୁ ଲକ୍ଷ୍ମୀ ବୋଲି ବିବେଚନା କରାଯାଉଥିଲ। ପ୍ରତିଦିନ ଅଫିସରେ ଏହି ସିନ୍ଦୁକରେ ଚନ୍ଦନ, ସିନ୍ଦୂର, ଫୁଲ ଏବଂ ଧୂପ ଦିଆଯାଇ ପୂଜା କରାଯାଉଥିଲା। କାରଣ ସେତେବେଳେ ପ୍ରତି କାର୍ଯ୍ୟର ଟଙ୍କା ସେଠାରେ ରଖାଯାଉଥିଲା। ସମସ୍ତଙ୍କ ଉପସ୍ଥିତିରେ ସେଥିରୁ ଟଙ୍କା ବାହାର କରାଯାଇ କାମରେ ଲାଗୁଥିଲା। ଏହାର ଚାବିକୁ ଯତ୍ନର ସହିତ ରଖାଯାଉଥିଲା। ବର୍ତ୍ତମାନ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ହୋଇଯିବାରୁ ସିନ୍ଦୁକର ଆଉ ଆବଶ୍ୟକତା ପଡୁନାହିଁ। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ କିଣାଯାଇଥିବା ସିନ୍ଦୁକକୁ ଏପରି ଅବସ୍ଥାରେ ଫିଙ୍ଗି ଦିଆଯିବା ଘଟଣାକୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ବର୍ତ୍ତମାନ ସେହି ସିନ୍ଦୁକଗୁଡିକୁ ବିଭିନ୍ନ ବିଭାଗର ଦପ୍ତରରେ ସମ୍ମାନର ସହ ରଖିବା ଉଚିତ ବୋଲି ବୁଦ୍ଧିଜୀବୀମହଲରେ ପ୍ରକାଶ ପାଇଛି।



ବାହାରେ ଫିଙ୍ଗାଯାଉଥିବା ସିନ୍ଦୁକ।

# ଉଦ୍ୟୋଗ ସଚେତନତା ଶିବିର

**ଗୁଣପୁର,୭।୯(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ଜିଆଇଇଟିରେ ଶୁକ୍ରବାର ଉଦ୍ୟୋଗ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡିଶାସରକାରଙ୍କ ଶିଳ୍ପ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଆଞ୍ଚଳିକ ଶିଳ୍ପ କେନ୍ଦ୍ର ରାୟଗଡା ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ରାୟଗଡା ଆଞ୍ଚଳିକ ଶିଳ୍ପ କେନ୍ଦ୍ରର ପରିଚାଳକ ପ୍ରଦ୍ୟୁମ୍ନକୁମାର ପରିଡା ଯୋଗଦେଇ ଇଂଜିନିୟରିଂ କିମ୍ବା ବୈଷୟିକ ଶିକ୍ଷା ସରିଲା ପରେ ଚାକିରି ପଛରେ ନ ଗୋଡାଇ ଆତ୍ମନିଯୁକ୍ତି ଉପରେ ଗୁରୁତ୍ୱ ଦେବା ପାଇଁ ଆହ୍ୱାନ କରିଥିଲେ। ଏହି ଅବସରରେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଶିଳ୍ପ ନିତି ଉପରେ ମଧ ସେ ଆଲୋକପାତ କରିଥିଲେ। ଭାରତ ସରକାରଙ୍କ କ୍ଷୁଦ୍ର,ସ୍ୱଳ୍ପ ଏବଂ ମଧ୍ୟମ ଅନୁଷ୍ଠାନର ଉପନିର୍ଦ୍ଦେଶକ ଏନ.କେ.ରାତ୍ନମ, ରାୟଗଡା ଏସବିଆଇର ମୁଖ୍ୟ ପ୍ରବନ୍ଧକ ପି.ଶ୍ରୀନିବାସ ରାଓ ପ୍ରମୁଖ ଯୋଗ ଦେଇଥିଲେ। ଏ ଦିଗରେ ବ୍ୟାଙ୍କ କିପରି ଋଣ ପ୍ରଦାନ କରିବ ସେନେଇ ସୂଚନା ଦିଆଯାଇଥିଲା। ଜିଆଇଇଟି ଏମବିଏ ବିଭାଗ ମୁଖ୍ୟ ପ୍ରଭାସରଞ୍ଜନ ମହାପାତ୍ର, ଡିନ ଏକାଡେମିକ ଡ.ଏ.ଭି.ଏନ.ଏଲ. ଶର୍ମା ପ୍ରମୁଖ ମଞ୍ଚାସିନ ଥିଲେ। ଜିଆଇଇଟି ଇଡିପି ସେଲର ଆବାହକ ରାଧାନାଥ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ।



ଗୁଣପୁରରେ ଆୟୋଜିତ ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

■ ଗୋଟିଏ ବର୍ଗର ଲୋକଙ୍କୁ ଦୁଇ ପ୍ରକାର ଜାତିଗତ ପ୍ରମାଣପତ୍ର

# ବିଧାନସଭାରେ ପ୍ରଶ୍ନ ଉଠାଇଲେ ବିଧାୟକ

**ଗୁଣପୁର,୭।୯(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀରେ କେତେକ ସ୍ଥାନରେ ଗୋଟିଏ ବର୍ଗର ଲୋକଙ୍କୁ ଦୁଇ ପ୍ରକାରର ଜାତିଗତ ପ୍ରମାଣ ପତ୍ର ମିଳିଛି। ଏହି ବିଷୟ ଯାଇ ବିଧାନସଭାରେ ପହଞ୍ଚିଛି। ଗୁଣପୁର ବିଧାୟକ ତ୍ରିନାଥ ଗମାଙ୍ଗ ତାଙ୍କ ନିର୍ବାଚନମଣ୍ଡଳୀରେ କେତେକ ସ୍ଥାନରେ ଗୋଟିଏ ଜାତିର ଲୋକଙ୍କୁ ଦୁଇ ପ୍ରକାର ଜାତି ଗତ ପ୍ରମାଣ ପତ୍ର ଦିଆଯାଉଥିବା ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଉଠିବା ପରେ ୧୦ ତାରିଖ ସୁଦ୍ଧା ରିପୋର୍ଟ ପ୍ରଦାନ କରିବାକୁ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଧାୟକ ଗମାଙ୍ଗ ତାରାଙ୍କିତ ପ୍ରଶ୍ନ ନଂ.୪୧୮ ମାଧ୍ୟମରେ ବିଧାସସଭାରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିରେ ସେ ପ୍ରଶ୍ନ ଉଠାଇଥିଲେ ଯେ ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀରେ କେତୋଟି ବ୍ଲକରେ ବସବାସ କରୁଥିବା ଜାତାପ ଓ ଜାତାପ ଦୋରା ସଂପ୍ରଦାୟର ଅଧିବାସୀମାନେ ଜମି ବିକ୍ରି କରିବା ସମୟରେ ସେମାନଙ୍କୁ ଓବିସି ପ୍ରମାଣ ପତ୍ର ଦିଆଯାଉଛି। ସେମାନଙ୍କର ପିଲାଙ୍କ ପାଠପଢା କ୍ଷେତ୍ରରେ କିନ୍ତୁ ଏସଟି ପ୍ରମାଣ ପତ୍ର ଦିଆଯାଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଜରୁରୀ ହୋଇପଡିଛି। ତହସିଲ ବିଭାଗ ଏହାକୁ ଗୁରୁତର ସହ ନେଇ ପ୍ରମାଣପତ୍ର ପ୍ରଦାନ ସମୟରେ ସତ୍ୟାସତ୍ୟ ଅନୁସନ୍ଧାନ କରି ଜାତିଗତ ପ୍ରମାଣପତ୍ର ଦେବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଯଦି ଏହା ସତ୍ୟ ହୋଇଥାଏ ତେବେ ଦୋଷୀଙ୍କ ବିରୋଧରେ ସରକାର କଣ ପଦକ୍ଷେପ ନେଉଛନ୍ତି ତାହା ଏବେ ଦେଖିବାକୁ ବାକି ରହିଲା।

# ଉଦ୍ୟୋଗୀ ବିକାଶ ତାଲିମ କାର୍ଯ୍ୟକ୍ରମ

**ରାୟଗଡ଼ା ଅଫିସ, ୭।୯**

ରାୟଗଡ଼ା ଆଞ୍ଚଳିକ ଶିଳ୍ପକେନ୍ଦ୍ର ତରଫରୁ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ୩୦ ଜଣ ଉଦ୍ୟୋଗୀମାନଙ୍କ ନିମନ୍ତେ ୧୨ ଦିନିଆ ଉଦ୍ୟୋଗୀ ବିକାଶ ତାଲିମ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଛି। ଆଞ୍ଚଳିକ ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ପ୍ରଦ୍ୟୁମ୍ନ କୁମାର ପରିଡା ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ସଭାରେ ମୁଖ୍ୟବକ୍ତା ଭାବେ ଷ୍ଟେଟ୍‌ବ୍ୟାଙ୍କ ଗ୍ରାମୀଣ ତାଲିମ କେନ୍ଦ୍ର ନିର୍ଦ୍ଦେଶକ ରାଧାକାନ୍ତ ରାଉତରାୟ ଉଦ୍ୟୋଗୀ ବିକାଶରେ ଉଦ୍ୟୋଗୀ ବନ୍ଧୁମାନଙ୍କୁ ତାଲିମ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ବ୍ଲକ ବିକାଶ ଅଧିକାରୀ ସବ୍ୟସାଚୀ ସାହୁ ଧନ୍ୟବାଦ ଦେଇଥିଲେ। ଏଥିରେ ଶିଳ୍ପ ବିକାଶ ଅଧିକାରୀ ଲଳିତ ପ୍ରଧାନ, ଉଲ୍ଲାସ ଚନ୍ଦ୍ର ବେହେରା, ମାନସ କୁମାର ପଟେଲ, ସୁଶିଲ ବରଦା, ପ୍ରୀତି ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବ୍ଲକଗ୍ରାଣ୍ଟ ଶିକ୍ଷକଙ୍କ ଆନ୍ଦୋଳନ, ଚିନ୍ତାରେ ଛାତ୍ରୀଛାତ୍ର

**ମୁନିଗୁଡ଼ା,୭।୯(ଡ଼ି.ଏନ.ଏ)**

ରାଜ୍ୟରେ ବ୍ଲକଗ୍ରାଣ୍ଟ ଶିକ୍ଷକଙ୍କ ଆନ୍ଦୋଳନ ତୀବ୍ରତର ହେବାକୁ ଲାଗିଛି। ଗୁରୁବାରଠାରୁ ସମସ୍ତ ବ୍ଲକଗ୍ରାଣ୍ଟ ସ୍କୁଲରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ସହ ପାଠ ପଢା ମଧ୍ୟ ବନ୍ଦ ରହିଛି। ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକର ପାତ୍ରଗୁଡ଼ା ବୃନ୍ଦାବନ ବିଦ୍ୟାପୀଠ, ଶିବପଦର ବନମାଳୀ ଶିକ୍ଷା ନିକେତନ, କୁମୁଡ଼ାବାଲି ଉଚ୍ଚ ବିଦ୍ୟାଳୟ, ଆମ୍ବାଦୋଳା ଇନ୍ଦିରାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଓ କୁତ୍ରାଗଡ଼ ମାଣିକେଶ୍ୱରୀ ବିଦ୍ୟାପୀଠ ଆଦି ୫ଟି ବ୍ଲକଗ୍ରାଣ୍ଟ ବିଦ୍ୟାଳୟରେ ଶିକ୍ଷକମାନେ ପାଠପଢା ବନ୍ଦ କରି ଦେଇଛନ୍ତି। ଫଳରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆସନ୍ତା ୧୯ ତାରିଖରେ ମାଟ୍ରିକ ପ୍ରିଟେଷ୍ଟ ପରୀକ୍ଷା ଅନୁଷ୍ଠିତ ହେବ। ଶିକ୍ଷକଙ୍କ ବନ୍ଦ ଆନ୍ଦୋଳନକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ପାତ୍ରଗୁଡ଼ା ସ୍କୁଲରେ ମୋଟ ୧୭୦ ଜଣ ଛାତ୍ରୀଛାତ୍ରଥିବା ବେଳେ ମାଟ୍ରିକରେ ୫୦ ଜଣ, ଶିବପଦର ସ୍କୁଲରେ ମୋଟ ୧୫୩ ଜଣ ଥିବା ବେଳେ ମାଟ୍ରିକରେ ୫୪, କୁମୁଡ଼ାବାଲିରେ ମୋଟ ୨୪୪ ଜଣ ଥିବା ବେଳେ ମାଟ୍ରିକରେ ୧୦୧ ଜଣ, ଆମ୍ବାଦୋଳାରେ ମୋଟ ୧୪୮ ଜଣ ଥିବା ବେଳେ ମାଟ୍ରିକରେ ୫୪ ଜଣ ଓ କୁତ୍ରାଗଡ଼ରେ ମୋଟ ୧୮୬ ଜଣ ଥିବା ବେଳେ ମାଟ୍ରିକରେ ୬୨ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବର୍ତ୍ତମାନ ଉକ୍ତ ୫ ବ୍ଲକଗ୍ରାଣ୍ଟ ବିଦ୍ୟାଳୟରେ ପଢୁଥିବା ମୋଟ ୯୦୧ ଜଣ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ସମସ୍ତ ଅଭିଭାବକ ଚିନ୍ତାରେ ରହିଛନ୍ତି। ଅନ୍ୟପଟେ ଆଗାମୀ ମାଟ୍ରିକ ପ୍ରିଟେଷ୍ଟ ପରୀକ୍ଷା ପାଇଁ ପ୍ରସ୍ତୁତ ହଉଥିବା ୩୨୧ ପରିକ୍ଷାର୍ଥୀଙ୍କ ଭବିଷ୍ୟତ ଅନ୍ଧାର ହେବାକୁ ଯାଉଛି। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ପଚାରବାରୁ, ସଂଘର ନିଷ୍ପତ୍ତିକ୍ରମେ ଏପରି ପଦକ୍ଷେପ ନିଆଯାଉଛି। ଆଗାମୀ ଦିନରେ ସଂଘର ନିଷ୍ପତ୍ତି ପରେ ହିଁ ସଂଘର ନିଷ୍ପତ୍ତିକ୍ରମେ ଓହରିବୁ ବୋଲି ସୂଚନା ଦେଇଛନ୍ତି।

# ୩ ଗ୍ରାମର ଲୋକେ ପ୍ରଶାସନର ଦ୍ୱାରସ୍ଥ

**ରାୟଗଡ଼ା ଅଫିସ,୭।୯**

**ଗ୍ରାମକୁ ପକ୍କାରାସ୍ତା ଦାବି**




୩ ଗ୍ରାମର ଗ୍ରାମବାସୀ ଶୋଭାଯାତ୍ରାରେ ଯାଉଛନ୍ତି।

ରାୟଗଡ଼ା ଜିଲା -ଗ୍ରାମକୁ ପକ୍କା ରାସ୍ତା ନେଇ ରାୟଗଡା ବ୍ଲକ ପିପିଲିଗୁଡା ପଞ୍ଚାୟତ ବୋରିଗୁଡ଼ା, ଉହାପକା ଏବଂ ଟିକରପଡା ଗ୍ରାମର ଶତାଧିକ ଗ୍ରାମବାସୀ ଶୁକ୍ରବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଅନୁସୂଚିତ ଜାତି, ଜନଜାତି ଓବିସି ମାଇନରିଟି ମହାସଂଘର ନେତୃତ୍ୱରେ ଉକ୍ତ ୩ ଗ୍ରାମର ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ପିପିଲିଗୁଡା ଗ୍ରାମପଞ୍ଚାୟତଠାରୁ ୬କି.ମି. ଦୂରରେ ରହିଛି ଉହାପାକା, ବୋରିଗୁଡା ଓ ଟିକରପଡା ଗ୍ରାମ। ଏହି ୩ଟି ଗ୍ରାମରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ଏହି ଗ୍ରାମଗୁଡିକୁ ଯାତାୟାତ କରିବା ନିମନ୍ତେ ଭଲ ରାସ୍ତା ଖଣ୍ଡିଏ ନାହିଁ। ଫଳରେ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଖରାପ ଥିବାରୁ ରୋଗୀମାନଙ୍କୁ ଡାକ୍ତରଖାନାକୁ ନେବାରେ ଲୋକେ ଅସୁବିଧା ଭୋଗୁଛନ୍ତି। ଗ୍ରାମଗୁଡିକୁ ଆମ୍ବୁଲାନ୍ସ ନ ଆସିବାରୁ ଗର୍ଭବତୀ କିମ୍ବା ରୋଗୀଙ୍କୁ ଖଟିଆରେ ବୋହି ଡାକ୍ତରଖାନାକୁ ନେବାକୁ ପଡୁଛି। ଏଣୁ ଜିଲାପ୍ରଶାସନର ହସ୍ତକ୍ଷେପରେ ତୁରନ୍ତ ଏହିଗ୍ରାମକୁ ପକ୍କା ରାସ୍ତା ନିର୍ମାଣ କରିବାକୁ ୩ ଗ୍ରାମର ଗ୍ରାମବାସୀ ଜିଲାପାଳଙ୍କୁ ନିବେଦନ କରିଥିବା ଉକ୍ତଦାବିପତ୍ରରେ ଉଲ୍ଲେଖ ରହିଛି। ଆଗାମୀ ୩୦ ଦିନ ମଧ୍ୟରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବା ସହିତ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପ୍ରତାପ ପୁଆଲା, ସତ୍ୟବାନ ମାଣ୍ଡାଙ୍ଗି, ବାସା ମାଣ୍ଡାଙ୍ଗି, ରାଜେନ୍ଦ୍ର ବିଡିକା, ଜୁନେସ୍ ନାୟକ, ବିଶ୍ୱରାଜ ଟିମାଲି, ରବିନା ତିର୍କିଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶନିବାର, ସେପ୍ଟେମ୍ବର ୮/୨୦୧୮ Rayagada, Saturday, September 8 / 2018

## ସଂକ୍ଷେପରେ

### ବିଜେଡ଼ିର କର୍ମୀ ସମ୍ମିଳନୀ



କୋଲନରା,୭।୯(ଡ଼ି.ଏନ.ଏ)- ରାୟଗଡ଼ା ଜିଲା କୋଲନରା ବ୍ଲକର ଲେକାପାଇଠାରେ ବିଜେଡ଼ିର ଏକ କର୍ମୀ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଜିଲା ବିଜେଡ଼ି ଉପସଭାପତି ବି. ତିରୁପତିଙ୍କ ନେତୃତ୍ୱରେ ଆୟୋଜିତ ସମ୍ମିଳନୀରେ କୋଲନରା ବ୍ଲକର ବହୁ କଂଗ୍ରେସ କର୍ମୀ ବିଜେଡ଼ିରେ ଯୋଗ ଦେଇଥିଲେ । ଏହି କଂଗ୍ରେସ କର୍ମୀମାନଙ୍କୁ ଜିଲା ଉପସଭାପତି, ଜିଲା ଯୁବ ବିଜେଡ଼ି ଉପସଭାପତି ଜଗନ୍ନାଥ ଦୋରା, ବ୍ଲକ ସଭାପତି ବିକ୍ରମ ପିବାକା, ଆଦିବାସୀ ପରିଷଦ ସଭ୍ୟ ଗୋପୀନାଥ ମୁଣ୍ଡୁକା,ଜିଲା ପରିଷଦ ସଭ୍ୟା ସୋମି ହିମିରିକାଙ୍କ ଉପସ୍ଥିତିରେ ନୂତନ ଭାବେ ଯୋଗ ଦେଇଥିବା କର୍ମୀମାନଙ୍କୁ ଫୁଲମାଳ ଦେଇ ସ୍ୱାଗତ କରାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ ଉନ୍ନତିମୂଳକ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ଆମେ ବିଜେଡ଼ିରେ ଯୋଗ ଦେଇଥିବା ସେମାନେ କହିଛନ୍ତି । ସରପଞ୍ଚ,ସମିତିସଭ୍ୟ ନିଜ ଅଞ୍ଚଳର ସମସ୍ୟା ସମ୍ପର୍କରେ କହିଥିଲେ । ଏହି ସମ୍ମିଳନୀରେ କୋଲନରା ବ୍ଲକର ନିର ପାତ୍ର, ଜାଲନ୍ଦୁ କଣ୍ଡାଗରୀ, ନାୟକା ଆମୀ,ଆଗୁଲୁ ପାତ୍ର, ଇପିଲି ଚନ୍ଦ୍ରା, ରାଇସିଙ୍ଗି ତାଡ଼ିଙ୍ଗି, ସୁକ୍ରୁ ପଟାକା, ତେଜରାଜ ନାଗ୍, ହରି ତାଡ଼ିଙ୍ଗି, ଜଗଦୀଶ ନାଇଡୁ, ବୁଦ୍ଧା ମିଶ୍ର, ଗୋପାଳ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

### ସାପ କାମୁଡ଼ାରେ ଜଣେ ମୃତ

କାଳିମେଲା,୭।୯(ଡ଼ି.ଏନ.ଏ)- ମାଲକାନଗିରି ଜିଲା କାଳିମେଳା ବ୍ଲକ ଲୁଗେଲ ପଞ୍ଚାୟତର ଏମପିଭି-୪୭ ଗ୍ରାମରେ ସାପ କାମୁଡାରେ ଜଣଙ୍କର ମୃତ୍ୟୁ ହୋଇଛି । ମୃତକ ଜଣକ ହେଉଛନ୍ତି ଏହି ଗ୍ରାମର ନାରାୟଣ ମଣ୍ଡଳ । ନାରାୟଣ ନିଜ ଘରେ ଖାଇ ସାରି ରାତି ୧୦ଟାରେ ଖଟ ଉପରେ ଶୋଇ ଟିଭି ଦେଖୁଥିବା ବେଳେ ଏକ ବିଷଧର ସାପ ତାଙ୍କ ବେକକୁ କାମୁଡି ଦେଇଥିଲା । ରାତି ଅଧିକ ହୋଇ ଯାଇଥିବାରୁ ସେ ଆଉ ମେଡିକାଲ ଆସି ନ ଥିଲେ । ସକାଳେ କାଳିମେଳା ମେଡିକାଲ ଆସିବା ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା ।

### ମାଓବାଦୀ ବିରୋଧୀ ପୋଷ୍ଟର

ପଡିଆ,୭।୯-ମାଲକାନଗିରି ଜିଲା ପଡିଆ ଥାନା ଅନ୍ତର୍ଗତ ବାପନପାଲି ଏବଂ ଶୁକୁରୁ ଗ୍ରାମର ମଧବର୍ତ୍ତୀ ସ୍ଥାନ ଏକ ବିଦ୍ୟୁତ୍ ଖୁଣ୍ଟରେ ମାଓବାଦୀ ବିରୋଧୀ ପୋଷ୍ଟର ଲଗାଯାଇଥିବା ଶୁକ୍ରବାର ଦେଖିବାକୁ ମିଳିଛି । ସହରରେ ରହି ମାଓବାଦୀ ଆନ୍ଦୋଳନକୁ ଚଳାଉଥିବା ୫ ଜଣ ସହରୀ ମାଓବାଦୀଙ୍କୁ ଗିରଫ କରିବା, ତାଙ୍କ ସହିତ ସମ୍ପର୍କ ରଖିଥିବା ଅନ୍ୟ ସହଯୋଗୀଙ୍କୁ ଗିରଫ କରିବା, ମାଓବାଦୀ ହାତରେ ବିନା କାରଣରେ ଆଦିବାସୀଙ୍କ ମୃତ୍ୟୁକୁ ନେଇ ଏହି ସହରୀ ମାଓବାଦୀମାନେ ମାଓବାଦୀଙ୍କୁ କିଛି ପ୍ରଶ୍ନ କରନ୍ତି ନାହିଁ , ସହରରେ ଆମମାନଙ୍କ ଭିତରେ ବସବାସ କରୁଥିବା ଏହି ସହରୀ ମାଓବାଦୀଙ୍କୁ ଆପଣମାନେ ଚିହ୍ନନ୍ତୁ ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି । ପୋଷ୍ଟର ତଳେ ସମ୍ପୂର୍ଣ୍ଣ ହିଂସାମୁକ୍ତ ଅଭିଯାନ ମାଲକାନଗିରି ଜିଲା କମିଟି ବୋଲି ଲେଖାଯାଇଛି ।

# ବିପଦସଙ୍କୁଳ ଭାବେ ନଦୀ ପାର ହେଉଛନ୍ତି ଗ୍ରାମବାସୀ

ମାଥିଲି, ୭।୯ (ଡି.ଏନ.ଏ)



ଶୋଚନୀୟ ହୋଇପଡିଥିବା ରାସ୍ତା ।



ଗୋଜିଆଗୁଡା ଘାଟରେ ଦଦରା ଡଙ୍ଗା ସାହାରାରେ ଲୋକେ ବିପଦପୂର୍ଣ୍ଣ ଯାତ୍ରା କରୁଛନ୍ତି ।

- ଯାତାୟାତ ରାସ୍ତା ପାଲଟିଛି ମରଣଯନ୍ତା
- ଜ୍ୱର ହେଲେ ଝଡାଫୁଙ୍କା ସାହାରା
- ୫ଗ୍ରାମର ସମସ୍ୟାକୁ ଗୁରୁତ୍ୱ ଦେଉନି ପ୍ରଶାସନ
- ନିର୍ବାଚନ ଆସିଲେ ପ୍ରତିଶ୍ରୁତିରେ ତିଆରି ହୁଏ ପୋଲ, ରାସ୍ତା

ସପ୍ତଧାରା ନଦୀ ଏବଂ ଶୋଚନୀୟ ରାସ୍ତା ଗ୍ରାମବାସୀଙ୍କ ପାଇଁ ପାଲଟିଛି ସମସ୍ୟା । ଅଳ୍ପ ବର୍ଷାରେ ମଧ୍ୟ ନଦୀରେ ଆସିଯାଏ ପାଣି । ନଦୀ ପାର ପାଇଁ ଏକମାତ୍ର ଭରସା ହେଉଛି ଡଙ୍ଗା । ଡଙ୍ଗାର ଅବସ୍ଥା ଏପରି ଯେ, ୨ଜଣ ନାଉରିଆ ନ ହେଲେ ନଦୀ ପାର ହେବା ଅସମ୍ଭବ । ନଦୀ ଲୋକଙ୍କ ପାଇଁ ଏକ ସମସ୍ୟା ହୋଇଥିବା ବେଳେ ଗ୍ରାମର ଶୋଚନୀୟ ହୋଇପଡିଥିବା ରାସ୍ତା ଗ୍ରାମବାସୀଙ୍କ ପାଇଁ ଅନ୍ୟ ଏକ ସମସ୍ୟା । ଏପରି ସମସ୍ୟା ଘେରରେ ଜୀବନ ଅତିବାହିତ କରୁଛନ୍ତି ମାଲକାନଗିରି ଜିଲା ଖଇରପୁଟ ବ୍ଲକ ତଥା ମାଥିଲି ଥାନା ଅନ୍ତର୍ଗତ ଗୋବିନ୍ଦପାଲି ପଞ୍ଚାୟତର ୫ଟି ଗ୍ରାମର ଗ୍ରାମବାସୀ । ଚାଲି ଚାଲି ଯିବା ପାଇଁ ଭଲ ରାସ୍ତାଟିଏ ନାହିଁ । ଗ୍ରାମକୁ ଆମ୍ବୁଲାନ୍ସ ଆସିବା ସ୍ୱପ୍ନ । ଅତି ଆବଶ୍ୟକ ପଡିଲେ ଖଟିଆରେ ରୋଗୀ ବୁହା ହୋଇ ଆସନ୍ତି ସ୍ୱାସ୍ଥ୍ୟକେନ୍ଦ୍ରକୁ । ସାମାନ୍ୟ ଜ୍ୱର ଥଣ୍ଡା କି ବ୍ୟଥା ଲାଗିଲେ ଲୋକେ ଦିଶାରିଙ୍କ ଦ୍ୱାରସ୍ଥ ହୁଅନ୍ତି । ଝଡାଫୁଙ୍କା ହିଁ ସେମାନଙ୍କ ଏକମାତ୍ର ସାହାରା । ଗୋବିନ୍ଦପାଲି ପଞ୍ଚାୟତ ମାଲାଗୁଡା, ପାକନାଗୁଡା, କମଲାପଦର, ଗୋଜିଆଗୁଡା ଓ ଭେଜନସଯୋଡି ଗ୍ରାମର ଏ ହେଉଛି କରୁଣ ଚିତ୍ର । । ପଞ୍ଚାୟତ ସଦରଠାରୁ ୫ କିମି ଦୂରରେ ଥିବା ଏହି ଗ୍ରାମଗୁଡିକରେ ସ୍ୱାସ୍ଥ୍ୟସେବା, ଗମନାଗମନ, ପୋଲ ଆଦି ମୌଳିକ ସମସ୍ୟା ଅପହଞ୍ଚ ହୋଇଛି । ସରକାରୀ ଯୋଜନା ପାଇବା ପାଇଁ ସଦରକୁ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଗ୍ରାମବାସୀଙ୍କୁ ଆସିବାକୁ ପଡେ । ଗତ କିଛିଦିନ ତଳେ ଗୋଜିଆଗୁଡା ଗ୍ରାମରେ ଝାଡାବାନ୍ତିରେ ୩ ଜଣଙ୍କ ଜୀବନ ଯାଇଛି । ଶୋଚନୀୟ ରାସ୍ତା ଏବଂ ନଦୀର ପ୍ରଖର ସ୍ରୋତ ଦେଖି ଆକ୍ରାନ୍ତଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣୁଥିବା ଲୋକେ ନଦୀ ଘାଟରୁ ଘରକୁ ଫେରାଇ ନେଇଥିଲେ । ପରେ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇ ମୃତ୍ୟୁ ଘଟିଥିଲା । କମଲାପଦର ଗ୍ରାମର ଜଣେ ମହିଳା ଗତ ୫ ଦିନ ହେବ ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି । ମାତ୍ର ରାସ୍ତା ଯୋଗୁ ସେ ସ୍ୱାସ୍ଥ୍ୟକେନ୍ଦ୍ର ଯାଇ ନ ପାରି ଦିଶାରୀଙ୍କ ଦ୍ୱାରା ଝଡାଫୁଙ୍କା ହୋଇ ଘରେ ରହିଛନ୍ତି । ଗତ ବର୍ଷେ ହେଲାଣି ଗୋବିନ୍ଦପାଲିଠାରୁ ଗୋଜିଆଗୁଡା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇ ଏପର୍ଯ୍ୟନ୍ତ ଶେଷ ହୋଇନାହିଁ । କାମ ଆରମ୍ଭ ହେବାପରେ ପୂର୍ବରୁ ଥିବା ରାସ୍ତା ଅପେକ୍ଷା ଏବେ ଏହା ମରଣଯନ୍ତା ପାଲଟିଛି । ପୂର୍ବର ରାସ୍ତା ଖାଲଖମା ଥିଲେ ମଧ୍ୟ ଯାତାୟାତ ହୋଇପାରୁଥିଲା । ହେଲେ କାମ ଆରମ୍ଭ ହେବା ପରେ ଚାଲି କରି ଯିବା ମଧ୍ୟ କଷ୍ଟକର ହୋଇପଡୁଛି । ଅନ୍ୟପକ୍ଷରେ ଗୋଜିଆଗୁଡା ଘାଟରେ ପୋଲ ନିର୍ମାଣ କରିବାକୁ ପ୍ରଶାସନ ପକ୍ଷରୁ କାର୍ଯ୍ୟାରମ୍ଭ ହୋଇଛି, ମାତ୍ର କାମ ଆଗକୁ ବଢିପାରୁନାହିଁ । ବହୁ ଦିନରୁ ଏପରି ସମସ୍ୟାରେ ରହି ବାହ୍ୟଜଗତରୁ ଏକପ୍ରକାର ବିଚ୍ଛିନ୍ନ ହୋଇ ଗ୍ରାମବାସୀ ଜୀବନ ଅତିବାହିତ କରୁଛନ୍ତି । ନିର୍ବାଚନ ଆସିଲେ ପ୍ରତିଶ୍ରୁତି ମିଳେ ସବୁ ଠିକ୍ ହୋଇଯିବ । ନିର୍ବାଚନ ପରେ ପୂର୍ବସ୍ଥିତି ଜାରି ରହେ । ଆସନ୍ତା ୨୦୧୯ ନିର୍ବାଚନ ଆସିଲେଣି । ଆଗକୁ ପ୍ରତିଶ୍ରୁତିରେ ପୋଲ, ରାସ୍ତାଘାଟ ସବୁ ତିଆରି ହୋଇଯିବ । ସେତେବେଳେ ଭୋଟ ପ୍ରଚାର ପାଇଁ ଯେଉଁଦଳର ପ୍ରାର୍ଥୀ ଆସନ୍ତୁ ନା କାହିଁକି ଆମେ ସେମାନଙ୍କୁ ଗ୍ରାମରେ ପୂରେଇ ଦେବୁନାହିଁ ବୋଲି କହିଛନ୍ତି ଗ୍ରାମବାସୀ ।

# ଆମ୍ବୁଲାନ୍ସରେ ଗଞ୍ଜେଇ ଚାଲାଣ ଧରାପଡିଲା, ୫ ଗିରଫ

ମାଲକାନଗିରି/ ଖଇରପୁଟ, ୭।୯ (ଡି.ଏନ.ଏ.)

ମାଲକାନଗିରି ଜିଲା ମୁଦୁଲିପଡା ଥାନା ପୋଲିସ ଆମ୍ବୁଲାନ୍ସରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ଏହାକୁ ଧରିଛି । ଏଥିରେ ଜଡିତ ୫ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ରାୟଗଡା ଜିଲା ଜେ.କେ. ରୋଡ୍‌ର ମୁନ୍ନା କୁମାର ଯାଦବ (୨୨), ନୂଆଦିଲୀର ରିତ୍ ଜୟନ୍ତ ହାଲଦାର (୨୪), ମୁକେଶ କୁମାର ଚଉରାଶିଆ (୨୬), ଅନୁପ୍ କୁମାର (୨୭) ଏବଂ ମାଲକାନଗିରି ଜିଲା ଓରକେଲ ଥାନା ସୋମନାଥପୁର ନିକଟସ୍ଥ କୁମ୍ଭାରଗୁଡା ଗ୍ରାମର ବୁଦୁ ଖେମୁଡୁ (୩୦) । ୧୯/୧୮ରେ ମାମଲା ରୁଜୁ ହୋଇଛି । ଖବରରୁ



ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତମାନେ ।

ଜଣାପଡିଛି, ଗୁରୁବାର ଅପରାହ୍ନରେ ଏସଡିପିଓ ମାନସ ରଞ୍ଜନ ବାରିକ, ଥାନା ଭାରପ୍ରାପ୍ତ ଅଧିକାରୀ ଯୁଗଳ କିଶୋର ଶବର ଏବଂ ଅନ୍ୟ କର୍ମଚାରୀମାନେ ବାଲିମେଳା-ଗୋବିନ୍ଦପାଲି ମୁଖ୍ୟ ରାସ୍ତାର ପୋଡଘାଟ ଛକରେ ଗାଡିମୋଟର ଯାଞ୍ଚ କରୁଥିଲେ । ଏହି ସମୟରେ ଏକ ଆମ୍ବୁଲାନ୍ସ ଏବଂ ଏକ ଟାଟା ମ୍ୟାଜିକ୍ ଗାଡି ଯାଞ୍ଚ ବେଳେ ସେଥିରେ ଗଞ୍ଜେଇ ଥିବା ଜାଣି ପାରି ଗାଡି ୨ଟିକୁ ଜବତ କରିଥିଲେ । ଏଥିରେ ସମ୍ପୃକ୍ତ ୫ଙ୍କୁ ଗିରଫ କରିଥିଲେ । ଗିରଫ ବ୍ୟକ୍ତିମାନେ ବୁଦୁ ଖେମୁଡୁଙ୍କ ସହାୟତାରେ ଚିତ୍ରକୋଣ୍ଡା ଅଞ୍ଚଳରୁ କେଜି ପ୍ରତି ୧୭ଶହ ଟଙ୍କାରେ ଗଞ୍ଜେଇ କିଣି ଏହାକୁ ବିହାରରେ କେଜି ପ୍ରତି ୧୨ ହଜାର ଟଙ୍କାରେ ବିକ୍ରି କରିବାକୁ ନେଉଥିଲେ । ଗିରଫ ୫ ଜଣଙ୍କ ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି ବୋଲି ଏସପି ଜଗମୋହନ ମୀନା କହିଛନ୍ତି ।

# ଛାତ୍ରୀଛାତ୍ର ସଜାଡିଲେ ରାସ୍ତା

ମାଥିଲି , ୭।୯ (ଡି.ଏନ.ଏ)

ଶୁଣୁନି ପ୍ରଶାସନ । ଏଭଳି ସ୍ଥିତିରେ ଶୋଚନୀୟ ହୋଇପଡିଥିବା କାଦୁଅ ରାସ୍ତା ଦେଇ କଲେଜ ଯିବାକୁ ପଡୁଛି । ଏନେଇ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ପ୍ରଶାସନ ତରଫରୁ ସ୍ଥାୟୀ ସମାଧାନ କରାଯାଉନାହିଁ । ଫଳରେ ଶୁକ୍ରବାର ଛାତ୍ରୀଛାତ୍ରମାନେ ମୁଖ୍ୟରାସ୍ତାଠାରୁ କଲେଜ ପର୍ଯ୍ୟନ୍ତ ୨ଶହ ମିଟର ରାସ୍ତା ସଜାଡିବାକୁ ବାହାରିଥିଲେ । ମାଥିଲିସ୍ଥିତ ଉତ୍କଳମଣି ଗୋପବନ୍ଧୁ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ର ରାସ୍ତା ସଜାଡିବାକୁ ସ୍ଥିର କରି ତଳସାହି ସ୍କୁଲଠାରୁ ମାଥିଲି କଲେଜ ପର୍ଯ୍ୟନ୍ତ ଥିବା ମୁଖ୍ୟରାସ୍ତା ସଜାଡିଥିଲେ । ଛାତ୍ରୀଛାତ୍ରମାନେ ପାଠପଢା ଶେଷ ହେବା ପରେ ରାସ୍ତାକାମ କରିବାକୁ ନିଷ୍ପତ୍ତି ନେଇଥିଲେ । ପ୍ରଥମେ ରାସ୍ତାରୁ କାଦୁଅ ସଫା କରିଥିଲେ । ଖାଲଖମା ସ୍ଥାନରେ ଶୁଖିଲା ମାଟି ପକାଇ ସମତୁଲ କରିଥିଲେ । ପ୍ରାୟ ୨୦୦ ମିଟର ଅତି ଶୋଚନୀୟ ହୋଇପଡିଥିବା କାଦୁଅ ରାସ୍ତାକୁ ସଜଡାଯାଇଥିଲା । ଅଧ୍ୟାପକ ସ୍ନେହାଶିଷ ସାହୁ , ରଞ୍ଜନ କୁମାର ରାଉତ, ଯୁକ୍ତ ୨ କଲେଜ ଅଧକ୍ଷ ପ୍ରଦୀପ୍ତ କୁମାର ଦାଶ ଛାତ୍ରୀଛାତ୍ରଙ୍କୁ ସହଯୋଗ କରିଥିଲେ । ଛାତ୍ରୀଛାତ୍ରଙ୍କ ଏପରି ପ୍ରୟାସ ଯୋଗୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ସେମାନଙ୍କୁ ପ୍ରଶଂସା କରିଛନ୍ତି । ଅନ୍ୟପକ୍ଷରେ ପ୍ରଶାସନର ଅପାରଗତା ଯୋଗୁ ମାଥିଲି -କାଳିଆଗୁଡା ରାସ୍ତା କାର୍ଯ୍ୟ ହେଉ ନ ଥିବା ଅଭିଯୋଗ ହେଉଛି ।




## ■ ୧୦୨ ଆସିବାରେ ବିଳମ୍ବ

# ଅଟୋରେ ପ୍ରସବ କଲେ ମହିଳା

ମାଥିଲି, ୭।୯ (ଡି.ଏନ.ଏ)

ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିଲେ ମହିଳା ଜଣକ । ଖବର ପାଇ ୧୦୨ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଏକ ଅଟୋରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଥିଲେ । ମାତ୍ର ମହିଳାଙ୍କ ପ୍ରସବ ଅଟୋରେ ହୋଇଯାଇଥିଲା । ଏପରି ଘଟଣା ଶୁକ୍ରବାର ମାଲକାନଗିରି ଜିଲା ମାଥିଲି ବ୍ଲକରେ ଦେଖିବାକୁ ମିଳିଛି ।

ଖବରରୁ ଜଣାପଡିଛି ମାଥିଲି ବ୍ଲକ ଅନ୍ତର୍ଗତ ଚେଡେଙ୍ଗା ପଞ୍ଚାୟତ ଗୁରୁଗୁଡା ଗ୍ରାମର କମଳା ମାଡକାମୀ (୩୫) ଶୁକ୍ରବାର ପୂର୍ବାହ୍ନରେ



ସନ୍ତାନ ପ୍ରସବ ପରେ ଡାକ୍ତରଖାନାରେ ଚିକିତ୍ସାଧୀନ ମହିଳା ।

ପ୍ରସବ ଯନ୍ତ୍ରଣା ଅନୁଭବ କରିଥିଲେ । ସମୟ ହୋଇଥିବାରୁ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେବାକୁ ପରିବାର ଲୋକେ ସ୍ଥିର କରିଥିଲେ । କମଳାଙ୍କ ସ୍ୱାମୀ ୧୦୨ ଆମ୍ବୁଲାନ୍ସକୁ ଫୋନ କରିଥିଲେ । ୧ ଘଣ୍ଟାରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ଏକ ଅଟୋ ଭଡା କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରସୂତିଙ୍କୁ ଅଣାଯାଉଥିଲା । ହଠାତ୍ ନୂଆଗୁଡା ମୁଖ୍ୟରାସ୍ତାରେ ଅଟୋ ଭିତରେ ହିଁ କମଳା ପ୍ରସବ କରିଥିଲେ । ସେଠାରୁ ଅଟୋରେ ତାଙ୍କୁ ଏବଂ ନବଜାତ ଶିଶୁଙ୍କୁ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ମହିଳା ଏବଂ ତାଙ୍କ ସନ୍ତାନ ସ୍ୱାଭାବିକ ଥିବା ଜଣାପଡିଛି । ଅନ୍ୟପକ୍ଷରେ ଗ୍ରାମାଞ୍ଚଳ ଲୋକେ ଆବଶ୍ୟକ ସମୟରେ ଆମ୍ବୁଲାନ୍ସକୁ ଫୋନ କଲେ ମଧ୍ୟ ଆମ୍ବୁଲାନ୍ସ ଆସୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।




# ଏମ.ଭି.-୮୭ ଗ୍ରାମରେ ବଢୁଛି କିଡ୍‌ନୀ ରୋଗ

ମାଲକାନଗିରି,୭।୯(ଡି.ଏନ.ଏ.)

- ଆଇରନ ମିଶ୍ରିତ ଦୂଷିତ ଜଳ ବ୍ୟବହାର କରି ଗଲାଣି ୫ ଜୀବନ
- ନୀରବ ରହିଛି ଜିଲା ପ୍ରଶାସନ
- ନଳକୂପ ପାଣି କିଛି ସମୟ ପରେ ହୋଇଯାଉଛି ଲାଲ

ଜଳ ହିଁ ଜୀବନ । ହେଲେ ଏଠି ଜଳ ସାଜିଛି ମରଣ । ଦୂଷିତ ପାନୀୟ ଜଳ ନେଲାଣି ୫ ଅମୂଲ୍ୟ ଜୀବନ । ଆହୁରି ପ୍ରାୟ ୫ ଜଣ ଦୂଷିତ ଜଳ ବ୍ୟବହାର କରି ପୀଡ଼ିତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ଏଭଳି ଦେଖିବାକୁ ମିଳିଛି ମାଲକାନଗିରି ଜିଲାର ଝରାପାଲି ପଞ୍ଚାୟତ ଅନ୍ତର୍ଗତ ଏମ.ଭି-୮୭ ଗ୍ରାମରେ ।

ଏହି ଗ୍ରାମରେ ୫୦ଟି ପରିବାର ବସବାସ କରନ୍ତି । ଜିଲା ସଦର ମହକୁମାଠାରୁ ୨୬ କିଲୋମିଟର ଦୂରରେ ରହୁଥିବା ଏହି ଗ୍ରାମର ଗ୍ରାମବାସୀ ଏବେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏଥିରେ ଗତ ୨ ବର୍ଷ ମଧ୍ୟରେ ୫ଜଣଙ୍କ ଜୀବନ ଗଲାଣି । ଆଉ କେତେକ ଆକ୍ରାନ୍ତ ହୋଇ ମୃତ୍ୟୁସହ ସଂଗ୍ରାମ କରୁଥିବା ଜଣାପଡିଛି । ଏହାର କାରଣ ରୂପେ ସେମାନେ ବ୍ୟବହାର କରୁଥିବା ଦୂଷିତ ଜଳ ବୋଲି ଜଣାପଡିଛି । ଗ୍ରାମରେ ଗ୍ରାମବାସୀଙ୍କ ପାଇଁ ୨ଟି ନଳକୂପ ରହିଛି । ମାତ୍ର ଏଥିରୁ ଲୌହ ମିଶ୍ରିତ ଜଳ ବାହାରୁଥିବା ଅଭିଯୋଗ ହେଉଛି । ଏହି ଜଳ ବ୍ୟବହାର କରି ଗ୍ରାମର ବହୁ ଲୋକ କିଡ୍‌ନୀ ରୋଗରେ ପୀଡିତ ଥିବା ନେଇ ସରପଞ୍ଚଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କୁ ଜଣାଇବା ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ଗ୍ରାମର ଗୋବିନ୍ଦ ରାୟ ଓ ବାସୁଦେବ ସରକାର କହିଛନ୍ତି । ଗ୍ରାମରେ ଅନ୍ୟ କିଛି ପାନୀୟ ଜଳ ବ୍ୟବସ୍ଥା ନ ଥିବାରୁ ବାଧ ହୋଇ ଲୋକେ ଏହି ଜଳ ବ୍ୟବହାର କରୁଛନ୍ତି । ଏହି ଜଳ ଲୌହ ମିଶ୍ରିତ ହୋଇଥିବାରୁ ଏହାକୁ ନେଇ ଘରେ କିଛି ସମୟ ରଖିବା ପରେ ଲାଲ ହୋଇଯାଉଛି । ଏହା ବ୍ୟବହାର କରି ଗ୍ରାମବାସୀ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏ ସମ୍ପର୍କରେ ବିଡିଓ ପ୍ରଦୀପ କୁମାର ଅମାନତ୍ୟଙ୍କୁ ପଚାରିବାରୁ ସେ କହିଲେ ଯେ, ଏ ନେଇ ପୂର୍ବରୁ କିଛି ଖବର ନ ଥିଲା । ବର୍ତ୍ତମାନ ଏହା ଜଣାପଡ଼ିଛି । ଆମ ପକ୍ଷରୁ ଯାହା ସମ୍ଭବ ପଦକ୍ଷପ ଗ୍ରହଣ କରାଯିବ ବୋଲି ଅମାନତ୍ୟ କହିଛନ୍ତି ।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ